RESEARCH ARTICLE

INDIAN JOURNAL OF
MULTILINGUAL RESEARCH AND DEVELOPMENT

DOI: 10.54392/ijmrd2233

# 'Place Name' in Post-Independence Odia Poetry

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ 'ସ୍ଥାନ ନାମ'

**Bikesh Sahu** [a,*]

[a] Department of Odia, Ravenshaw University, Cuttack – 753003, Odisha, India
*Corresponding author Email: bikesh.official2019@gmail.com
DOI: https://doi.org/10.54392/ijmrd2233
Received: 30-08-2022; Accepted: 18-09-2022; Revised: 23-09-2022; Published: 30-09-2022

**Abstract:** This article presents a discussion of 'Place Name' based poems in post-independence Odia poetry. That is the 'Poetry of Regional Geography', in other words 'Poetry of Place Names'. In all these poems 'Geography' is not only expressed here as a source of natural beauty; History, society, culture, people's life, struggles, revolutions and the new surgeon's public consciousness have emerged in it! In all these poems, in the Geographical field, a kind of eternal approach has gained importance rather than accidental forms. In Geographical Articulations in poetry or literature, the geographical past, significance, present and future orientations as well as cultural and natural aesthetics come significantly into the poetic canvas. However, it is worth noting that based on the convenience of the discussion, it has been divided into different stages and the said article has been moved towards a brief discussion of the special poems written by him in the order of appearance of the poets.

**Keywords:** Place Name, Poetry of Regional Geography, Post-Independence

**Subject Specialization:** Odia

## About the Author



**Mr. Bikesh Sahu,** currently working as a M.Phil. Research Scholar under the P.G Department of Odia, Ravenshaw University, Cuttack. Completed his M.A (Odia) with first-class from Ravenshaw University, Cuttack, Odisha. Recently he has also been considered eligible for Junior Researcher Fellowship (JRF) by the University Grants Commission (UGC), New Delhi. He is interested in the study of Language & Modern Literature, and the Study of Folk Culture and Literature.

## ପରିଚୟ

ସମୟ ସହ ପରିବର୍ତ୍ତନର କଡ଼ ଲେଉଁଟାଉଥିବା ସମାଜ ଓ ସଭ୍ୟତାର ପରିବର୍ତ୍ତିତ ରୂପ ହିଁ ନବୀନ ସମ୍ଭାବନାର ଦ୍ୟୋତକ । ସେହି ଦୃଷ୍ଟିରୁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ କବିତା କୌଣସି ନିର୍ଦ୍ଦିଷ୍ଟ ସୀମା ଭିତରେ ଆଉ ସୀମାବଦ୍ଧ ହୋଇ ନଥିଲା। ଏକ ବ୍ୟାପକ ଭୌଗୋଳିକ ବଳୟ ଭିତରେ କବିମାନେ ନିଜର ଭାବନାକୁ ପ୍ରସାରିତ କରି ବିଶ୍ୱ ଚେତନା ସହ ଓଡ଼ିଆ କବିତାକୁ ଯୋଡିବାର ପ୍ରୟାସ ଆରମ୍ଭ କରିସାରିଥିଲେ। କେବଳ ଆଙ୍ଗିକ କ୍ଷେତ୍ରରେ ନୁହଁ, ଆତ୍ମିକ କ୍ଷେତ୍ରରେ ମଧ୍ୟ ନୂତନ ଭାବନାର ସଞ୍ଚରଣ ଏହି ସମୟର କବିତାରେ ପ୍ରତ୍ୟକ୍ଷୀଭୂତ। ସ୍ୱଦେଶର ବିଭିନ୍ନ ସଂସ୍କୃତିକ,ଐତିହାସିକ ଓ ପ୍ରକୃତିକ ସୁଷମାରେ ପରିପୂର୍ଣ୍ଣ ଦର୍ଶନୀୟ ସ୍ଥାନ ଓ ସହର ବ୍ୟତୀତ କବିମାନଙ୍କ ବିଶ୍ୱର ଅନେକତ୍ର ପରିଭ୍ରମଣଜନୀତ ଅନୁଭବ ସହ ସେହି ସବୁ ସ୍ଥାନର ଭୌଗୋଳିକ ଅବସ୍ଥିତି, କୀର୍ତ୍ତି ରାଜି ଓ ମହିମାକୁ କବିତା ମଧ୍ୟରେ ପରିପ୍ରକାଶ କରିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯଦିଓ ଏହା ପ୍ରଥମ ନୁହଁ, ତଥାପି ଏହି ଧରଣର କବିତା ଲେଖିବାର ସୁଯୋଗ ସ୍ୱାଧୀନତା ପରବର୍ତ୍ତୀ ସମୟରେ ହିଁ ବିଶେଷ ଭାବେ ସୃଷ୍ଟି ହୋଇପାରିଥିଲା। ଯୋଗାଯୋଗର ସୁବିଧା ଓ ଗଣମାଧ୍ୟମର ବ୍ୟବହାର ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ମଣିଷମାନେ ବିଶ୍ୱର କୋଣ ଅନୁକୋଣର ଖବର ପାଇବା ସହ ସେହି ସବୁର ସ୍ଥିତି ସମ୍ପର୍କରେ ଜାଣିପାରିଲେ। ଯାହା ଫଳରେ ଓଡ଼ିଆ କବି ଓ ଲେଖକମାନେ ନିଜ ଭୌଗୋଳିକ ପରିମଣ୍ଡଳ ବ୍ୟତୀତ ବିଶ୍ୱ ଚେତନା ଓ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିଲେ। ସମୟର ଆହ୍ୱାନ ଓ ଆବଶ୍ୟକତାକୁ ଭିତ୍ତିକରି କବିମାନେ ସେହି ସବୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଅନୁଭୂତିକୁ ନିଜ କବିତାରେ ପରିପ୍ରକାଶ କରିବା ଆରମ୍ଭ କରିଦେଲେ। ଯାହା ବିଶ୍ୱର ସମସାମୟିକ ସ୍ଥିତି ସହ ଓଡ଼ିଆ କବିତାର ସମନ୍ୱୟ ସ୍ଥାପନରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲା। କହିବା ବାହୁଲ୍ୟ ଯେ, ସ୍ୱାଧୀନତା

ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା କବିତା। ସାହିତ୍ୟର ଅନ୍ୟାନ୍ୟ ବିଭାବ ଅପେକ୍ଷା ନାନା ପ୍ରୟୋଗ ଓ ପରୀକ୍ଷା ଓଡ଼ିଆ କବିତା କ୍ଷେତ୍ରରେ ଦର୍ଶନୀୟ। ଅନୁରୂପ ଭାବେ କବିତାରେ 'ସ୍ଥାନ ସ୍ୱତନ୍ତ୍ର' କବିତା ବା 'ସ୍ଥାନ ନାମ' ଆଧାରିତ କବିତାର ସଂଖ୍ୟା ମଧ୍ୟ କମ୍ ନୁହେଁ।

## 'ସ୍ଥାନ ନାମ'କୁ ନେଇ ଆଲୋଚନା କାହିଁକି?

ଏହି ଆଲେଖ୍ୟରେ ସ୍ୱାଧୀନତା ପରବର୍ତ୍ତୀ ଓଡିଆ କବିତାରେ ସଂଦୃଷ୍ଟ 'ସ୍ଥାନ ନାମ' ଆଧାରିତ କବିତାସବୁକୁ ଆଲୋଚନାର ପର୍ଯ୍ୟାୟଭୁକ୍ତ କରାଯାଇଛି। ତାହା ହେଉଛି 'କ୍ଷେତ୍ରୀୟ ଭୂଗୋଳର କବିତା', ଅନ୍ୟ ଭାଷାରେ କହିଲେ 'ସ୍ଥାନ ନାମର କବିତା'। ଏ ସମସ୍ତ କବିତାରେ 'ଭୂଗୋଳାଂଶ' କେବଳ ଏକ ପ୍ରାକୃତିକ ନାନ୍ଦନିକତାର ଉତ୍ସ ଭାବେ ଏଠାରେ ପ୍ରକଟିତ ନହୋଇ; ତା' ଭିତରେ ଉଙ୍କିମାରିଛି ଇତିହାସ, ସମାଜ, ସଂସ୍କୃତି, ଲୋକଜୀବନ, ସଂଘର୍ଷ, ବିପ୍ଳବ ଆଉ ନୂତନ ସର୍ଜନର ଲୋକାୟତ ଚେତନା ! ପ୍ରକୃତିର ନୀରବ ଆଉ ଜାଙ୍ଗଲିକ ଶୋଭା ନୁହେଁ; ତା' ଭିତରେ ରୌଦ୍ରର ମଧ୍ୟାହ୍ନରେ ସୃଷ୍ଟି ହେଉଥିବା ଅଗ୍ନିର ସଂଚରଣ ଆଉ ଅଗ୍ନିର ସ୍ଫୁଲିଙ୍ଗର ସୂକ୍ଷ୍ମ କଥାକୁ ଉପଲବ୍ଧି କରିହେବ କବିତାର ଛତ୍ରେ ଛତ୍ରେ ! ଭୌଗୋଳିକ କ୍ଷେତ୍ରରେ ଏ ସମସ୍ତ କବିତାରେ ଆକସ୍ମିକ ରୂପବୋଧ ଅପେକ୍ଷା ଏକପ୍ରକାର ଚିରକାଳିକତାର ଆଭିମୁଖ୍ୟ ପ୍ରମୁଖତା ଲାଭ କରିଛି। ଭୌଗୋଳିକ କ୍ଷେତ୍ରକୁ କବିତାରେ ବା ସାହିତ୍ୟରେ ଯୋଡ଼ିବା (Geographical Articulations) ଭିତରେ ଭୂଗୋଳାଂଶ ଅତୀତ, ମହତ୍ତ୍ୱ, ବର୍ତ୍ତମାନ ଓ ଭବିଷ୍ୟତର ଆଭିମୁଖ୍ୟ ସହିତ ସାଂସ୍କୃତିକ ଓ ପ୍ରକୃତିଗତ ନାନ୍ଦନିକତା ମହତ୍ତ୍ୱପୂର୍ଣ୍ଣ ଭାବେ କବିତାର କାନ୍‌ଭାସ୍‌ରେ ଆସିଥାଏ। କେବଳ ବାର୍ତ୍ତମାନିକତାର ରୂପଚିତ୍ର ଅପେକ୍ଷା ଚିରକାଳିକ ଭାବନାରେ ତାହା ପ୍ରତିଭାସିତ ହେଲେ; ସେଭଳି ସୃଷ୍ଟିକୁ ଭୌଗୋଳିକ ସର୍ଜନ ବା 'Earth Writing' ବୋଲି ଅଭିହିତ କରାଯାଇଥାଏ। ଯେଉଁଠି ଆଞ୍ଚଳିକ ସୌନ୍ଦର୍ଯ୍ୟବୋଧ ରୂପକାତ୍ମକତା ଭିତରେ ପ୍ରତିଭାସିତ ହୋଇଥାଏ। ମାତ୍ର 'Earth Writing' ବା 'Geographical Literature'ତା'ର 'ବ୍ୟାପ୍ତି' ଏବଂ 'ଦାବି'କୁ ଅଧିକ ଗୁରୁତ୍ୱନଦେଇ ଏକ ରୂପକଳ୍ପ ଭାବରେ କବିତାର ସଂକ୍ଷିପ୍ତ ପରିଧିରେ ରୂପପାଏ; ସେଭଳି ଭାବବୋଧକୁ 'ଭୂଗୋଳକଳ୍ପ' (Geographical Image) ଦେଇ ପ୍ରତିଭାସିତ କରାଯାଇପାରେ। ଅବଶ୍ୟ 'କଥାସାହିତ୍ୟ' ବା ଉପନ୍ୟାସରେ ଏହାର ରୂପବୋଧଟି 'ଆଞ୍ଚଳିକତା' (Regionality) ଦେଇ ଅଞ୍ଚଳ ସୌନ୍ଦର୍ଯ୍ୟର ଭିତ୍ତିରେ ଭିନ୍ନ ଏକ ରୂପରେଖ ବହନ କରୁଥିବା ସ୍ଥଳେ କବିତାରେ ତା'ର ଆଭିମୁଖ୍ୟଟି ଉଭୟ 'ତାତ୍‌କାଳିକ' ଏବଂ 'ଚିରକାଳିକ' ମଧ୍ୟ।

ଭୌଗୋଳିକ ସ୍ଥାନ ନାମ ଭିତ୍ତିକ କବିତା ସମୂହ କବିମାନଙ୍କର ଭ୍ରାମ୍ୟମାଣ ସଂଗ୍ରାମୀ ଜୀବନର, ସୌନ୍ଦର୍ଯ୍ୟ ପ୍ରୀତି ଓ ଭ୍ରମଣଜନୀତ ଅନୁଭବର ଏକ ଏକ ଝଲକ ଭାବେ ମଧ୍ୟ ହୋଇଛି ଦ୍ୟୋତିତ ! କ୍ଷେତ୍ରୀୟ ଭୂମି; ନଦନଦୀ, ପାହାଡ଼ ଆଉ ଦ୍ୱୀପର ଅସ୍ତିତ୍ୱର ପ୍ରଚ୍ଛନ୍ନରେ ଆଞ୍ଚଳିକ ଜୀବନବୋଧ; ଗଣଚେତନା; ତା'ର ଅସଂଖ୍ୟ ସଂଘର୍ଷ ଏବଂ ସେଥିରୁ ସୃଷ୍ଟ ବୈପ୍ଳବିକ ଭାବଧାରା; ଭାବନାର ରୂପାନ୍ତରଣ ଏବଂ ନୂଆ ଗଢିବାର ପ୍ରତ୍ୟାଶା କବିତା ସମୂହର ମୌଳିକ ଅବବୋଧ। ଏ ଆଲୋଚନା ସ୍ୱାଧୀନତା ପରବର୍ତ୍ତୀ ସମୟର କବିମାନଙ୍କର କବିତାରେ କ୍ଷେତ୍ରୀୟ ଭୂଗୋଳର ଅଭିବ୍ୟକ୍ତି ବା 'ଭୂଗୋଳକଳ୍ପ'କୁ ସଂଦର୍ଶନ କରିବା ସହିତ ସେଇ ସ୍ଥାନର ଅବସ୍ଥିତି, ଐତିହାସିକ ମହତ୍ତ୍ୱ ଓ ଅତୀତ ଗୌରବର ନନ୍ଦୀପାଠ କରିବାରେ ସଫଳ ହେବ ବୋଲି ଆସ୍ଥ ବିଶ୍ୱାସ।

ଆଲୋଚନାର ପରିସୀମା ଓ କଳେବର ଦୃଷ୍ଟିରୁ ଉକ୍ତ ଆଲୋଚନାରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା କବିମାନଙ୍କର କବିତାକୁ ହିଁ ଆଲୋଚନାର ପର୍ଯ୍ୟାୟ ଭୁକ୍ତ କରାଯାଇଛି। ତେବେ ସୂଚନାଯୋଗ୍ୟ ଯେ, ଆଲୋଚନାର ସୁବିଧାକୁ ଭିତ୍ତିକରି ଏହାକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରାଯିବା ସହ କବିମାନଙ୍କ ଆବିର୍ଭାବ କ୍ରମରେ ତାଙ୍କ ଦ୍ୱାରା ରଚିତ ସ୍ଥାନ ନାମ ସ୍ୱତନ୍ତ୍ର କବିତାର ସଂକ୍ଷିପ୍ତ ଆଲୋଚନା ଦିଗରେ ଉକ୍ତ ଅଲେଖ୍ୟକୁ ଗତିଶୀଳ କରାଗଲା।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସ୍ଥାନ ନାମ:

କବି ସଚ୍ଚି ରାଉତରାୟ(୧୯୧୫-୨୦୦୪) ସ୍ଥାନ ନାମକୁ ଭିତ୍ତି କରି ଅନେକ କବିତା ଲେଖିଛନ୍ତି। ଯାହା ତାଙ୍କ ବିବିଧ ସଂକଳନମାନଙ୍କରେ ସଂକଳିତ। 'ଅଭିଜ୍ଞାନ' କବିତା ସଂକଳନରେ ସ୍ଥାନିତ କବିଙ୍କ 'ୟୁ.ପି.ରେ ସନ୍ଧ୍ୟା' କବିତାଟି ତାଙ୍କ ଏହି ଧରଣର ରଚନା। କବି ଏହି କବିତାଟି କବିଙ୍କ ପ୍ରକୃତି ପ୍ରୀତି ଓ ସ୍ୱଅନୁଭୂତିମୂଳକ। ଏରୋପ୍ଲେନ ଝରକାରୁ ଉତ୍ତରପ୍ରଦେଶର ସନ୍ଧ୍ୟାକାଳୀନ ବିଭିନ୍ନ ଦୃଶ୍ୟ ରାଶି କବି ପ୍ରାଣକୁ କରିଛି ବିମୋହିତ। ସେ ହେଇପାରେ ଦୂର ଯବ କ୍ଷେତରେ ମିଶୁଥିବା ସଞ୍ଜର ଛାଇ, ଶ୍ୟାମ ଅଙ୍ଗାର ମାଟି, ଇଥର୍-ନୀଳିମା ପଥରେ ଧୂମୟିତ ଦ୍ରୁତ ଯାନ, ଗହମ ବିଲ ପୁଣି ଚାଷୀ କନ୍ୟା ପ୍ରଭୃତି ସତେ କି କବି ପ୍ରାଣକୁ ଉଲ୍ଲସିତ କରୁଛନ୍ତି ଆଜି ଏ ସନ୍ଧ୍ୟାରେ। ଯାହା କବିଙ୍କ ଦର୍ଶନ ହୋଇ ମଧ୍ୟ ସତେ କି ସେ କିଛି ନଦେଖିଲା ପରି ମନେହେଉଛି। (ତା'ପରେ ମାଟିର ଗନ୍ଧ, /ନଗରର ଦୀର୍ଘ ପରିକ୍ରମା,/ ଏତେ ଦେଖି ମନେ ହେଲା/ କିଛି ମୁଁ ତ ଦେଖି ନାଇ ଜମା !! - ୟୁ.ପି.ରେ ସନ୍ଧ୍ୟା - ଅଭିଜ୍ଞାନ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ; ପୃ ୫୬୪) ବାସ୍ତବରେ ସୁନ୍ଦର ତୃପ୍ତିର ଅବସାଦ କାହିଁ, ତାହାକୁ ଯେତେ ଦେଖୁଥିଲେ ମଧ୍ୟ ସବୁବେଳେ ନୂଆ ଲାଗୁଥାଏ । କବିଙ୍କ ହୃଦୟରେ ମଧ୍ୟ ସେ ସୌନ୍ଦର୍ଯ୍ୟ ପିପାସା ଅତୃପ୍ତ। ସେହିପରି କବି ପ୍ରାଣର ସୌନ୍ଦର୍ଯ୍ୟ ଅନ୍ୟ ଏକ ନିଦର୍ଶନ ତାଙ୍କ ଉକ୍ତ ସଙ୍କଳନରେ ସ୍ଥାନିତ 'ତାଜମହଲ' କବିତା। ୧୯୪୮ ମସିହାରେ ଅଗରସ୍ଥିତ ସୌନ୍ଦର୍ଯ୍ୟର ଅପରୂପ ଭଣ୍ଡାର ତାଜମହଲ ଦର୍ଶନରେ କବିଙ୍କ ମନରେ ଜାଗି ଉଠିଥିବା ଭାବମୟ ଉଚ୍ଛ୍ୱାସ ହେଉଛି ଉକ୍ତ କବିତା। କବିଙ୍କର ଜୀବନ ଦର୍ଶନ, ପ୍ରେମ ଓ ସୌନ୍ଦର୍ଯ୍ୟବୋଧର ଏକ ମିଶ୍ରରାଗ କବିଙ୍କ ଏହି କବିତାରେ ପ୍ରକଟିତ। ପ୍ରଥମେ ତାଜମହଲର ସୌନ୍ଦର୍ଯ୍ୟ ବର୍ଣ୍ଣନା ପରେ ପ୍ରେମ ଓ ଏହା ପରେ ପରେ ନିଜ ଜୀବନ ସହ ଏହାକୁ ଯୋଡିବାର କବି ହୋଇଛନ୍ତି ପ୍ରୟାସୀ। ପ୍ରେମର ଜ୍ୱଳନ୍ତ ପ୍ରତୀକ ଭାବେ ତାଜମହଲ ପରିଚିତ। କିନ୍ତୁ କବି ଫେରିଛନ୍ତି ଅତୀତକୁ ଏହାର ମୂଲ୍ୟ ଅନ୍ୱେଷଣ କରିବାକୁ। ବିରହ, ଅଶ୍ରୁ, ହାହାକାର, ଯୁଗ ଯୁଗର କେତେ ଦୀର୍ଘ ଶ୍ୱାସ, ପ୍ରାଣର ଉଚ୍ଛ୍ୱାସ ସବୁକିଛି ଶେଷରେ ମିଶି ଯେମିତି ମୃତ୍ୟୁର ଶେଯରେ । ପୁଣି ସେହି ବିରହର ଦୁଇ ଟୋପା ଅଶ୍ରୁ ସତେ କି ରୂପାନ୍ତରିତ ହୋଇଛି ଏ ବିରାଟ ମାର୍ବଲର କାବ୍ୟରେ। (କେତେ ବିରହ, କେତେ ଅଶ୍ରୁ, କେତେ ହାହାକାର,/ଯୁଗ ଯୁଗର କେତେ ଦୀର୍ଘଶ୍ୱାସ, ପ୍ରାଣର ଉଚ୍ଛ୍ୱାସ,/ ସବୁ ଯେମିତି ଶେଷରେ ମିଶି ଏକକାର ହୋଇଛି ମୃତ୍ୟୁରେ,/ ପାଖାପାଖି ଏଇ

ଦୁଇଟି କବରର ଶେଷ ନିର୍ଜନ ଶର୍ଯ୍ୟାରେ।/ ଏଇ ବିରାଟ ମାର୍ବଲର କାବ୍ୟ ଯେପରି ସେଇ କେଇ ଟୋପା ଅଶ୍ରୁରଇ ରୂପାନ୍ତର ! - ତାଜମହଲ - ଅଭିଜ୍ଞାନ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ; ପୃ ୫୮୨) ବାସ୍ତବରେ କହିବା ବାହୁଲ୍ୟ ଯେ ଉକ୍ତ କବିତାରେ କବିଙ୍କ ଗଭୀର ଅନ୍ତର୍ଦୃଷ୍ଟି ଓ ଜୀବନ ଦର୍ଶନ ନିହିତ।

'ପାଣ୍ଡୁଲିପି' କବିତା ସଙ୍କଳନର ସ୍ଥାନିତ କବିଙ୍କ ବହୁଚର୍ଚ୍ଚିତ କବିତାମାନଙ୍କ ମଧ୍ୟରେ 'କୋଣାର୍କ' କବିତାର ସ୍ଥାନ ସ୍ୱତନ୍ତ୍ର। ସତେକି ତାଙ୍କ ଏହି କବିତା ଛାତିରେ ଆଲପିନ୍ ଫୋଡିଲା ପରି ଲାଗେ। ତାଙ୍କ କୋଣାର୍କ ଭାବରାଜ୍ୟରେ ଏକ ଏକକ ଆକସ୍ମିକତା। ଏହା ଏକ ସ୍ୱତନ୍ତ୍ରତା। ଧୂସର କଂକ୍ରିଟ ଯୁଗରେ ସବୁଜିମାର ସ୍ଥାନ କାହିଁ? କୋଣାର୍କର ସୂଚୀଶିଳ୍ପ ଓ ସ୍ଥାପତ୍ୟର ପରାକାଷ୍ଠାକୁ ନ ଚାହିଁ ବୀତରାଗ କବି ସୂର୍ଯ୍ୟରଥର ଲୋହିତ ଚକ୍ରକୁ ଓ ଏହାକୁ ଗଢିଥିବା ଶିଳ୍ପୀକୁଳ - ଶ୍ରମଜୀବୀଙ୍କୁ ହିଁ ଚାହିଁଛନ୍ତି। ମନ୍ଦିର ନିର୍ମାଣର ଦୃଶ୍ୟପଟ୍ଟ ନେପଥ୍ୟରେ କେତେ ଶ୍ରମିକ ଓ ମଜଦୁରଙ୍କର ଘର୍ମାକ୍ତ ମାଂସପେଶୀ, କେତେ ନିରବଛିନ୍ନ ଅବସରହୀନ ପରାଧୀନତା, ଡରଭୟରେ କାକୁସ୍ଥ ହୋଇ ଗଜପତିର ଖିଆଲ ଏଠି ପାଳନ କରିଛି, ତାହାର ହିଁ କବି ସନ୍ଧାନ କରିଛନ୍ତି। (ତୁମେ ଦେଖିଅଛ ଶିଳାରେ ତା'ର ତ/ ରମ୍ୟ କଳାର ରୂପ/ ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ। / ମୂଳିଆର ଆଖି ନେଇ / ମୁଁ ଦେଖିଛି ସେହି ମନ୍ଦିର ରୂପ ବ୍ୟଥର ଆରତି ଦେଇ। - କୋଣାର୍କ - ପାଣ୍ଡୁଲିପି; ପୃ ୩୮) ସମ୍ୟବାଦୀ ଦୃଷ୍ଟିଭଙ୍ଗୀର ଚରମ ନିଦର୍ଶନ କବିଙ୍କ ଏହି କବିତା। କବି କଳ୍ପନାବିଳାସରେ ନ ମଜ୍ଜି ବାସ୍ତବତାକୁ ଏଠାରେ ଗୁରୁତ୍ୱ ଦେଇଛନ୍ତି। ଯାହା ତାଙ୍କ ଉକ୍ତ କବିତାର ଛତ୍ରେ ଛତ୍ରେ ଅନୁମେୟ। ସେହିପରି ଏହି ସଂକଳନରେ ସ୍ଥାନିତ ତାଙ୍କ ଅନ୍ୟ ଏକ କବିତା 'ବର୍ଲିନ'କୁ ବିଚାର କରାଯାଇପାରେ। ଏହି କବିତାର ପ୍ରକାଶ କାଳ ୧୯୪୫ ହେଲେ ହେଁ, ପାଣ୍ଡୁଲିପିର ପ୍ରକାଶ କାଳକୁ ଗ୍ରହଣ ପୂର୍ବକ ଏହାକୁ ଆଲୋଚନାର ପର୍ଯ୍ୟାୟ ଭୁକ୍ତ କରାଯାଇଛି। ୧୯୪୫ ଏପ୍ରିଲ ମାସରେ ଲାଲସେନା ଜର୍ମାନୀର ରାଜଧାନୀ 'ବର୍ଲିନ'ରେ ପ୍ରବେଶ କରିଥିଲେ। ଯାହାକୁ କବି ମୁକ୍ତିର ପ୍ରଥମ ସକାଳ ଭାବେ ବିବେଚନା କରି ନୂତନ ସ୍ୱପ୍ନରେ ମଶ୍‌ଗୁଲ୍ ହୋଇଛନ୍ତି। ଦୀର୍ଘ ଦିନର ଏକ ଛତ୍ରବାଦ ଶାସନ ପରେ ଜର୍ମାନୀ ଶୋଷିତ, ନିଷ୍ପେଷିତ ଓ ମଳିନ। ଯିଏ ମୁକ୍ତି ପାଇଁ ସତେକି କେତେ ସକାଳ ଏମିତି ପୁହେଇ ଦେଇଥିବ। କିନ୍ତୁ କବି ହୋଇଛନ୍ତି ଆଶାନ୍ୱିତ। କହିବା ବାହୁଲ୍ୟ ଯେ, ସାମୟିକ ରାଜନୈତିକ ପରିସ୍ଥିତି ଓ ଇତିହାସର ଏକ ମିଶ୍ରରାଗ କବି ଉକ୍ତ କବିତା ମାଧ୍ୟମରେ ଆଙ୍କିବାର ଚେଷ୍ଟା କରିଛନ୍ତି। ଶୋଭିଏତ୍ ସଂଘର ପୂର୍ବତନ ପ୍ରଧାନ ମନ୍ତ୍ରୀ ଷ୍ଟାଲିନଙ୍କ ସେହି ସମୟର ଭୂମିକାକୁ ସ୍ପଷ୍ଟ ଏହି କବିତାରୁ ବାରି ହୋଇପଡେ। ଏକ ପ୍ରତୀକାତ୍ମକ ଦୃଷ୍ଟିଭଙ୍ଗୀରେ ସେ ନାଜୀ ଜର୍ମାନୀର ସ୍ଥିତିକୁ ସମସ୍ତ ପରାଧୀନ ରାଷ୍ଟ୍ରମାନଙ୍କ ଉପରେ ଆରୋପିତ କରି ଷ୍ଟାଲିନଙ୍କ ମୁଖରେ ନୂତନ ସକାଳର ନାନ୍ଦୀପାଠ କରାଇଛନ୍ତି। କବିଙ୍କ ଏହି କବିତାରେ ସମାଜବାଦୀ ଦୃଷ୍ଟିକୋଣ ସ୍ପଷ୍ଟ ବାରି ହୋଇପଡେ। ଆହୁରି ମଧ୍ୟ କବି ସୂଚେଇ ଦେଇଛନ୍ତି ଅନ୍ୟାନ୍ୟ ଓ ଅନୀତି କେବେ ଦୀର୍ଘସ୍ଥାୟୀ ନୁହେଁ, ଏହାର ଅନ୍ତ ନିଶ୍ଚିତ। କବିଙ୍କ ଭାଷାରେ - "ହୋଇପାରେ ଡେରି ବା ଘଡିଏ,/ ଦିନେ ବା ଓଳିଏ / ଏ-ପାଖ ସେ-ପାଖ;/ କିନ୍ତୁ ତାହା ଥରେ କହେ ଜନତାର କଣ୍ଠ ଛାଡି ଡାକ/ ମିଥ୍ୟା ତାହା କେବେ ହୁଏ ନାଇଁ।" (ବର୍ଲିନ - ପାଣ୍ଡୁଲିପି; ପୃ ୧୧୭) ଜଣେ ସଚେତନଶୀଳ କବି ଭାବେ ସେ ଏ ଦେଶର ଜନତାଙ୍କୁ ନିଜର ଅନ୍ତରର କଥାକୁ କବିତାରେ ଭାଷା ଦେଇଛନ୍ତି। ଅନ୍ୟାୟ ଓ ଅନୀତି ଦିନେ ଦୂର ହେଇ ଏକ ନୂଆ ସକାଳର ଆଗମନ ହେବ। ସମସ୍ତେ ନିଜର ଅଧିକାର ପାଇବେ। ସମାଜର ଜଟି ଭୋଇ ଭଳି ଶହ ଶହ ସଂଗ୍ରାମୀଙ୍କ ସ୍ୱପ୍ନ ଜୀବନ୍ତ ହୋଇଉଠିବ। ବାସ୍ତବରେ କବିଙ୍କର ଦୁରଦୃଷ୍ଟିର ଅନନ୍ୟ ଦୃଷ୍ଟାନ୍ତ ହେଉଛି ଏହି କବିତା। ଯେଉଁଠି ଦୃଢ ବିଶ୍ୱାସ - "କାଲି ଯେ ସକାଳ ହବ" କାନେ ତା'ର କହୁଛି ଷ୍ଟାଲିନ୍।" (ବର୍ଲିନ - ପାଣ୍ଡୁଲିପି; ପୃ ୧୧୮)

କବିଙ୍କ ସ୍ୱଗତ କବିତା ସଂକଳନରେ ମଧ୍ୟ 'କୋରିଆ' ଶୀର୍ଷକ ଏକ କବିତା ସ୍ଥାନିତ ହୋଇଛି। କବିଙ୍କର ଉକ୍ତ କବିତାରେ ଭାରତ ସମେତ ଏସିଆ ମହାଦେଶର ବିଭିନ୍ନ ଦେଶର ସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। କବି ନିଜର ଜୀବନ କଳା ମଧ୍ୟରେ ଜଣେ ରାଷ୍ଟ୍ରୀୟ ବୈଦେଶିକ ମନ୍ତ୍ରଣାଳୟର କାର୍ଯ୍ୟକର୍ତ୍ତା ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ତେଣୁ ଦେଶ ଓ ବିଦେଶର ସ୍ଥିତିକୁ ସେ ବହୁତ ଭଲଭାବେ ବୁଝିପାରୁଥିଲେ। ସ୍ୱାଧୀନତା ପରରବର୍ତ୍ତୀ ସମୟରେ ଯେଉଁ କେତୋଟି ଦେଶ ନିଜର ପ୍ରଭାବ ବିସ୍ତାର କରିଥିଲେ ସେମାନଙ୍କ ମଧ୍ୟରେ କୋରିଆ ଓ ଚୀନ ଅନ୍ୟତମ। ଏହି ଦେଶଗୁଡିକର ଶାସନ ତନ୍ତ୍ର ଗଣତାନ୍ତ୍ରିକ ନୁହଁ। ଶାସନର କ୍ଷମତା ଜଣକ ପାଖରେ କେନ୍ଦ୍ରୀଭୂତ। ତେଣୁ ନିଜ ଇଚ୍ଛା ମୁତାବକ ଶାସନ ଓ ପ୍ରଭାବ ବିସ୍ତାର ପାଇଁ ତାଙ୍କୁ ବାଧା ଦବ କିଏ ? କବି ସେହି ଦୃଷ୍ଟିକୋଣରୁ କବିଙ୍କ ମନରେ ଆଶଙ୍କା ଜାତ ହୋଇଛି। ସମ୍ୟବାଦୀ ଚିନ୍ତାଧାରାର ଓ ରାଜନୈତିକ ପରିସ୍ଥିତିକୁ ଉକ୍ତ କବିତାରେ କବି ଚମତ୍କାର ଭାବେ ଚିତ୍ରିତ କରିଛନ୍ତି। ଉପନିବେଶବାଦୀ ଶାସନତନ୍ତ୍ର ଓ ପୁଞ୍ଜିପତି ଡଲାରବାଦୀମନଙ୍କୁ କବି ତୀବ୍ର ବିରୋଧ କରିଛନ୍ତି। (କମାଣ ତା' କହେ ଗରଜୀ ଆଜିରେ / ଉଚ୍ଚେ ଆକାଶେ ଡାକି - / ବଣିକତନ୍ତ୍ରୀ ଡଲାରବାଦର/ ପୂଜାରୀ ଯେତେକ ଯାଁକି-/ଧନବାଦୀ ଯେତେ ଦଲାଲ ଏସିଆ ଭୂମି ଛାଡ ଛାଡ। - କୋରିଆ - ସ୍ୱଗତ(ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ); ପୃ ୯୩୪) ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ କୋରିଆର ବିଭାଗୀକରଣ ଯୋଗୁଁ ଅସ୍ଥିରତା ଲାଗିରହିଥିଲା। ଏକ ବିରାଟ ରାଜନୈତିକ ଦୁର୍ଦ୍ଦଶା ଦେଇ ତାକୁ ଗତିକରିବାକୁ ପଡିଥିଲା। କବି ଦୃଷ୍ଟିରେ ତାହା ହିଁ ପ୍ରତୀକାତ୍ମକ ଭାବେ ଫୁଟିଉଠିଛି।

ସେହିପରି ତାଙ୍କ 'କବିତା ୧୯୬୯'ରେ ସଂକଳିତ ଅନ୍ୟ ଏକ କବିତା 'ଭାରତ ଓ ସୋବିଏତ'। ଏଥିରେ କବି ଭାରତ ଓ ସୋବିଏତର ମିତ୍ରତା କଥା ଉଲ୍ଲେଖ କରି ଜଣେ ଉତ୍ତମ ନାଗରିକ ଭାବେ ସୋବିଏତକୁ ସ୍ୱାଗତ ବାଣୀ ଶୁଣେଇଛନ୍ତି। ଉକ୍ତ କବିତାରେ ଭାରତର ସେହି ସମୟର ଐତିହାସିକ ଚିତ୍ର ସହ ରାଜନୈତିକ ସ୍ଥିତିର ସୂଚନା ମିଳେ। ଏହି କବିତାରେ ମଧ୍ୟ କବିଙ୍କ ସାମ୍ୟବାଦୀ ଦୃଷ୍ଟିକୋଣ ଓ ମାନବ ବନ୍ଦନାର ଚିତ୍ର ନିହିତ। (ବନ୍ଧୁତାର/ ଦେଶର ଆମର।/ ଉଭୟ ଦେଶର/ ମଣିଷର/ ଜୟ ଜୟ ଜୟ ହେଉ। - ଭାରତ ଓ ସୋବିଏତ - କବିତା ୧୯୬୯; ପୃ ୭୮) ଉକ୍ତ ସଂକଳନରେ ସ୍ଥାନିତ 'ଆଇକ ଓ ତାଜମହଲ' କବିତାରେ କବିଙ୍କ ତାଜମହଲକୁ ନେଇ ସ୍ୱର ପରିବର୍ତ୍ତନ (ଅଭିଜ୍ଞାନରେ ସ୍ଥାନିତ) ଲକ୍ଷ୍ୟ କରାଯାଇପାରେ। ଆମେରିକା ରାଷ୍ଟ୍ରପତି ଆଇଜେନ୍ ହାୱାରଙ୍କ ତାଜମହଲ ପରିଦର୍ଶନକୁ ରଚିତ ଏହି କବିତାରେ କବି ବିଦ୍ରୁପାତ୍ମକ ଭାବେ ଭାରତୀୟମାନଙ୍କର ଦୁଃସ୍ଥିତି ଓ ତାଜମହଲକୁ ପବିତ୍ର ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଉଥିବା ମତକୁ ବ୍ୟଙ୍ଗାର୍ଥରେ ମୃଦୁ ସମାଲୋଚନା କରିବାକୁ ମଧ୍ୟ ପଛେଇନାହାନ୍ତି। ଏହା ସହ ଆମେରିକାର ନିଉୟର୍କ ସହରର ଇଷ୍ଟ ମାଡି କୂଳରେ ସୁଶୋଭିତ ସ୍କାଇସ୍କ୍ରାର ଶୋଭା ସହ ତୁଳନାତ୍ମକ ବିଚାର ବ୍ୟକ୍ତ କରିଛନ୍ତି। (ସେ ନୁହେଁ ନିଉୟର୍କେ/ ଇଷ୍ଟ ନଦୀର କୂଳେ କୂଳେ ସ୍କାଇସ୍କ୍ରାପରର ଚୂଡା। / ଯେଉଁଥିରେ ତୁମ ଯୁଗର ଜନ୍ତ୍ର - ମାନସ ଫଳେ। - ଆଇକ ଓ ତାଜମହଲ - କବିତା ୧୯୬୯; ପୃ ୯୫) ଏହି ସଂକଳନରେ ସ୍ଥାନିତ ଅନ୍ୟ ଏକ ପ୍ରଭାବଶାଳୀ କବିତା ହେଉଛି 'ଜାଲିଆନାବାଗ'। ଆମେ ସମସ୍ତେ ଜାଣିଛେ ଇତିହାସ ପୃଷ୍ଠାର ସେହି କଳଙ୍କିତ ରକ୍ତାକ୍ତ ଅଧ୍ୟାୟ। ଯାହା ସ୍ମରଣ ମାତ୍ରକେ ରକ୍ତ ଉତପ୍ତ ହୋଇଉଠେ। ଏପ୍ରିଲ ୧୩ ତାରିଖ ଜାଲିଆନାବାଗ ଦିବସରେ କବି ଏହାକୁ ରଚନା କରିଥିଲେ। କବି ହୃଦୟର ବିପ୍ଳବ ଫୁଟି ଉଠିଛି ଏହି କବିତା ମାଧ୍ୟମରେ। ରକ୍ତର ସତେକି ଆଜି ନିଆଁ ଜାଳିଯାଏ ତ ସହ ପୁଣି ନିଜେ ମଧ୍ୟ ଜଳିଯିବାକୁ ହୁଏ। କବିପ୍ରାଣ ମଧ୍ୟ ଯେତିକି ମର୍ମାହତ ସେତିକି ଉତ୍ତପ୍ତ। (ଆସିଲି ଏଠାକୁ କାହୁଁ, / ରକ୍ତର ନିଆଁ ଜଳେ ମୁଁ ଜଳେ ରେ, / ଜଳେ ମୁହିଁ ଦାଉ ଦାଉ। - ଜାଲିଆନାବାଗ - କବିତା ୧୯୬୯; ୯୬) କବି ପ୍ରତିଶୋଧ ପରାୟଣ ହୋଇ ଉଠିଛନ୍ତି। ନିଜକୁ ଇଂରେଜ

ମାନଙ୍କର ଅଜଟ ଶତ୍ରୁ ଘୋଷଣା କରିବାକୁ ମଧ୍ଯ କବି ପଛେଇ ନାହାନ୍ତି। ଏକ ଉଗ୍ର ଜାତୀୟବାଦୀ କବିତା ଭାବେ ଏହାର ସ୍ଥାନ ସ୍ୱତନ୍ତ୍ର। ଅନୁରୂପ ଭାବେ 'ବର୍ଲିନ'କୁ ନେଇ ତାଙ୍କର ଆଉ ଏକ କବିତା 'କବିତା - ୧୯୬୯'ରେ ସ୍ଥାନିତ। ମୂଳତଃ ତାଙ୍କ ଏହି କବିତାର ମଧ୍ଯ ସାମ୍ୟବାଦୀ ସ୍ୱର ସ୍ପଷ୍ଟ ପ୍ରତିଭାତ। ତାତକାଳିକ ଓଡିଶାର ସାମାଜିକ ଓ ରାଜନୈତିକ ପରିସ୍ଥିତିକୁ କବି ବର୍ଲିନ ସହ ତୁଳନା କରି ପୁଞ୍ଜିବାଦୀ ସାଆନ୍ତିଆ ମାନଙ୍କର ତୀବ୍ର ବିରୋଧ କରିଛନ୍ତି। ବର୍ଲିନକୁ ଯେମିତି ଏକଚ୍ଛତ୍ରବାଦୀ ଶାସକ ଦୁଇ ଭାଗରେ ବାଣ୍ଟି ଶୋଷଣ ଓ ଅତ୍ୟାଚାର କରାଯାଉଥିଲା। ଅନୁରୂପ ଭାବେ ନୂଆ ଓଡିଶାକୁ ପୂର୍ବ ଓ ପଶ୍ଚିମ ଭାବେ ଭାଗ କରିବାର ହୀନ ଚକ୍ରାନ୍ତକୁ କବି ତୀବ୍ର ବିରୋଧ କରିଛନ୍ତି। (ସେ ପ୍ରେତ ଚାହୁଁଛି ଦୁଇ ଭାଗ କରି/ ଦେଶକୁ କରିବ ଛିନ୍ନ,/ ବର୍ଲିନ ପରି ଗଢିବ ପ୍ରାଚୀର/ ଭାଇକୁ କରିବ ଭିନ୍ନ। - ବର୍ଲିନ - କବିତା ୧୯୬୯; ପୃ ୧୨୦) ଏହା ସହ ସାମ୍ୟବାଦର ଉଦଘୋଷଣା ପୂର୍ବକ ଏ ଜାତିର ତରୁଣ ପ୍ରାଣରେ ବିଦ୍ରୋହ ଓ ସଚେତନତାର ବୀଜ ବପନ କରିଛନ୍ତି। ଜର୍ମାନୀର ରାଜଧାନୀ ବର୍ଲିନର ସ୍ଥିତିକୁ କବି ଏଠାରେ ଓଡିଶାର ସ୍ଥିତି ସହ ତୁଳନା କରି ଏକତାର ପଥ ପ୍ରଶସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କବିଙ୍କ 'କବିତା ୧୯୭୧' ଓଡ଼ିଶା ଶୀର୍ଷକ ଏକ କବିତା ସ୍ଥାନିତ। ଯାହା କବିଙ୍କ ଉତ୍କଳ ପ୍ରୀତିର ଅନନ୍ୟ ଉଚ୍ଚାରଣ। ନିଜକୁ ନଜେ ଓଡିଆ ଭାବେ ପରିଚୟ ଦେବା ସହ ଓଡିଆ ଭାଷା କହିବା ଓ ଲେଖିବାରେ କବି ଗର୍ବ ଅନୁଭବ କରିଛନ୍ତି। (ମୁଁ କହେ ଓଡିଆ ପିଲାଦିନୁ ଷୋଳ ଅଣା। /... ମୁଁ ଜଣେ ଓଡ଼ିଆ ଶତକଡା ଅନେଶତ ଭାଗ। - ଓଡ଼ିଶା - କବିତା ୧୯୭୧; ପୃ ୯) ଓଡ଼ିଆ ଭାଷାର ସ୍ୱତନ୍ତ୍ରତା କବି ବହୁତ ଭଲ ଭାବେ ଜାଣନ୍ତି। ତେଣୁ ସେ ସମାସମୟିକ ସମାଜର ଓଡ଼ିଆ ମାନଙ୍କୁ ଚେତେଇ ଦେବାକୁ ଚାହିଁଛନ୍ତି ଏ କବିତା ମାଧ୍ୟମରେ। ଦେଶ, ଜାତି ଓ ଭାଷା ପ୍ରୀତିର ସମନ୍ୱୟ ହେଉଛି ଏହି କବିତା। ଓଡ଼ିଆ ଉଚ୍ଚ ଶିକ୍ଷିତମାନଙ୍କର ଭାଷା ବିମୁଖତାକୁ ଦୃଷ୍ଟିରେ ରାଖି ସେ ଏହି କବିତାରେ ଓଡ଼ିଆ ଭାଷା ଓ ବର୍ଣ୍ଣମାଳାକୁ ମଧ୍ଯ କବିତାରେ ନୂଆ ରୂପରେ ଯୋଡିଛନ୍ତି। ନିଜର ଓଡ଼ିଆ କହିବା, ତା' ପୁଣି ଜନ୍ମରୁ ସେକଥା ସେ ଗର୍ବରେ ଦୁନିଆ ଆଗରେ ଘୋଷଣା କରିଦେବାକୁ ଚାହାନ୍ତି। (ମୁଁ କହେ ଓଡ଼ିଆ ମୋର ଖୋଲିବାଠୁ ପାଟି,/ ମୁଁ ଓଡ଼ିଆ ନିରୋଳା ଓ ଖାଣ୍ଟି। - ଓଡ଼ିଶା - କବିତା ୧୯୭୧; ପୃ ୧୧)

'କବିତା ୧୯୭୪'ରେ ସ୍ଥାନିତ ଭୁବନେଶ୍ୱର କବିତାରେ କବିଙ୍କର ଯାନ୍ତ୍ରିକ ସହରୀ ସଭ୍ୟତା ପ୍ରତି ଦାରୁଣ ଭାବ ପ୍ରକାଶ ପାଇଛି। ଯେଉଁଠି ମଣିଷର ପାପ ଆଉ ପୁଣ୍ୟ ଉପକଥା ହୋଇଯାଏ, ସ୍ମୃତିର କୌଣସି ମୂଲ୍ୟ ନ ଥାଏ। ଯେଉଁଠି ପୁଣି ସମଷ୍ଟିର ତୋରଣ ତଳେ ମଣିଷ ସୁଖଦୁଃଖ ଖୋଜେ ନାହିଁ, ସବୁକିଛି ଭିନ୍ନ ଭିନ୍ନ ହୋଇଯାଏ ତା ଜୀବନରେ। କେବଳ ସେ ଅଧୀନ ହୋଇ ସାରିଛି କେବଳ ଏକ ଯନ୍ତ୍ରର, ଯିଏ ପୁଣି ନୈର୍ବ୍ୟକ୍ତିକ। (ଏଠି ଆଜି ମଣିଷର ପାପ ଆଉ ପୂଣ୍ୟ/ ହୋଇ ଉପକଥା / ଲୋଡେ ନାହିଁ ସ୍ମୃତି ସତ୍ତା /ଶିଳ୍ପରେ କାବ୍ୟରେ। / ... ସବୁ କିଛି ଆଜି ଭିନ ଭିନ। / ତଥାପି ତ ଏକ ନୈର୍ବ୍ୟକ୍ତିକ/ ଜନ୍ତ୍ରର ସନ୍ଧାନ। -ଭୁବନେଶ୍ୱର - କବିତା ୧୯୭୪; ପୃ ୪୪) ମଣିଷର ସମସ୍ତ ଇଚ୍ଛା ଓ ସ୍ୱାଧୀନତା ସତେକି ସହରର ଏହି ଆଙ୍କରିତ ଜଙ୍ଗଲ ଭିତରେ ହିନ ଅଣନିଶ୍ୱାସୀ ହେଇଯାଉଛି, ଯେଉଁଠି ସେ ଯାନୀ ସୁଦ୍ଧା ମୁକ୍ତି ଚାହୁଁ ନାହିଁ। ଜୀବନ ସଂଗ୍ରାମରେ ସରକାରୀ କାଗଜପତ୍ରର ଘେର ଭିତରେ ସତେକି ଭୁବନେଶ୍ୱରର ଏକାମ୍ର ବତାସ ମଧ୍ଯ ବନ୍ଦୀ ପାଲଟେ।(ଏଠି ଯେ ଫାଇଲବନ୍ଦୀ/ ଏକାମ୍ର ବତାସ/ ହାୱାରେ ଉଡାଇ ନିଏ/ ବ୍ୟକ୍ତିର ନିଶ୍ୱାସ। - -ଭୁବନେଶ୍ୱର - କବିତା ୧୯୭୪; ପୃ ୪୪) ଜୀବନକୁ ଜୀବନ ଦୃଷ୍ଟିରେ ଦେଖିବାର ଦୃଷ୍ଟିଭଙ୍ଗୀ ବଦଳିଯାଏ ମଣିଷର। ଏଠାରେ ଓଡିଶାର ରାଜଧାନୀ ଭାବେ ଭୁବନେଶ୍ୱର ଦ୍ରୁତ ପ୍ରଧାବିତ ଏକ ନିର୍ଜୀବ ସବ୍ୟତା। ଯାହାର ସୌନ୍ଦର୍ଯ୍ୟ ଓ ଶୋଭା ପାଇଁ ତ ବିରାଟ ବିରାଟ ତୁଙ୍ଗ ନିର୍ଜୀବ ସୌଧ ରହିଛି, କିନ୍ତୁ ପ୍ରାଣ ନାହିଁ। ତେଣୁ କବି ପ୍ରାଣ ଏହାର ସ୍ରଷ୍ଟାକୁ କରିଛନ୍ତି - "ମହାରଣା, ଭୁଲ କଲ ଭଲ କଲ,/ ବାଟା ଭାଙ୍ଗି ଚାଲ।" ଏହି କବିତାରେ ମୂଳତଃ ଏକ ବିବ୍ରତ କବିପ୍ରାଣର ରୂପ ଉକ୍ତ କବିତାରେ ଦର୍ଶନୀୟ।

'କବିତା ୧୯୮୭'ରେ ସ୍ଥାନିତ 'ବାଲିଆପାଳ' କବିତା କବିଙ୍କର ଅନେକ ଗୁଡିଏ ସ୍ୱତନ୍ତ୍ରତା ଓ ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କରେ। ପ୍ରକୃତିର ମନୋରମ ଶୋଭା ମଣ୍ଡିତ ବାଲିଆପାଳର ଅବକ୍ଷୟ କବିଙ୍କୁ କରିଛି ବିବ୍ରତ। ଯେଉଁ ମନଲୋଭା ଶୋଭା ଦିନେ କବିଙ୍କୁ ଟାଣି ନେଇ ଯାଉଥିଲା ଆଜି ସେହି ଶୋଭା ମୃତାହତ। ଆଜି ସେଠି କେବଳ ଚିଲମାନଙ୍କର ବାସ। ଦିନେ ଯେଉଁଠି ଗୋଲାପ ବଗିଚା, ଜ୍ୟୋସ୍ନାର ବଜାର ଥିଲା ପୁଣି କେତେ ପର୍ଯ୍ୟଟକଙ୍କୁ ସେ ଆକର୍ଷିତ କରିପାରୁଥିଲା ଆଜି କାହିଁ? (... ସେଠି ଥିଲା ଗୋଲାପ ବଗିଚା,/ ଛାୟା ଓ ସୌରଭ ସଙ୍ଗେ ଜ୍ୟୋସ୍ନାର ବଜାର,/ ଆଗନ୍ତୁକ ଓ ଅନୁବାଦକ ଆସୁଥିଲେ ଦେଖିବାକୁ/ ଲେଖିବାକୁ ସେ ଭୁଇଁର କଥା/ ଏବେ ସେଠି ଚିଲମାନେ ଦେଉଛନ୍ତି ଛୁଆ,/ ଭୁଇଁ ତଳେ ଚାଲିଛି ସୁଡଙ୍ଗ। - ବାଲିଆପାଳ - କବିତା ୧୯୮୭; ପୃ ୧୨) ସେ ଆଜି ହତଶିରୀ। ତାର ସବୁ ସୌନ୍ଦର୍ଯ୍ୟ ଆଜି ସତେକି ଏକ ସାଙ୍ଗରେ କିଏ ହର ନେଇ ତାକୁ ଶ୍ମଶାନ କରିଦେଇଛି। କବିଙ୍କ ପ୍ରକୃତି ପ୍ରୀତିର ଏକ ନିଚ୍ଛକ ଚିତ୍ର ସହ ବାଲିଆପାଳର ପରିବର୍ତ୍ତିତ ଭୂଚିତ୍ର କବିଙ୍କୁ ଗଭୀର ଆଘାତ ଦେଇଛି। ମୂଳତଃ ଏହି କବିତାରେ କ୍ଷେପଣାସ୍ତ୍ର ଘାଟି ନିର୍ମାଣ ପରବର୍ତ୍ତୀ ସମୟର ଚିତ୍ର ଫୁଟି ଉଠିଛି। କବି ପ୍ରାଣରେ ବିଦ୍ରୋହ ଓ କ୍ଷୋଭ ମିଶ୍ରିତ ଏକ ପ୍ରଶ୍ନ ଉଙ୍କିମାରେ। (କ'ଣ ଚାହଁ ତମେ ? / ଶାନ୍ତିର କପୋତ ଅବା ଯୁଦ୍ଧର ଛଞ୍ଚାଣ! / ଜୀବନକୁ ଅକ୍ଷରେ ଲେଖ ଧ୍ୱଂସର ଚଟାଣ !/ ଶାନ୍ତିର ଅକ୍ଷର ଲେଖେ ଧ୍ୱଂସର ନାମ !! - ବାଲିଆପାଳ - କବିତା ୧୯୮୭; ପୃ ୧୨) ସାମ୍ୟବାଦୀ ଶାନ୍ତିକାମୀ କବି ହୃଦୟ ବିଦ୍ରୋହରେ ଅଶାନ୍ତ ହୋପଡ଼େ। ଯାହାର ଅନନ୍ୟ ସ୍ୱାକ୍ଷର ହିଁ 'ବାଲିଆପାଳ'। ଏହି ସଙ୍କଳନରେ ସ୍ଥାନିତ 'ରବୀନ୍ଦ୍ର ମଣ୍ଡପ' କବିତାରେ ମଧ୍ଯ ଓଡ଼ିଶା ଇତିହାସର ଏକ ସୁଦୀର୍ଘ ପରମ୍ପରାର ସାକ୍ଷୀ ଭାବେ ସେ ରବୀନ୍ଦ୍ର ମଣ୍ଡପକୁ ସ୍ମରଣ କରିଛନ୍ତି। ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଭାରତର ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଅର୍ଥାତ ୧୯୬୦ ମସିହାରୁ ଓଡ଼ିଶା ଓ ଭାରତୀୟ ରାଜନୀତି, ସଭା ସମିତି ପୁଣି କେତେ କାର୍ଯ୍ୟକ୍ରମର ମୂକ ସାକ୍ଷୀ ଭାବେ ଦାନଦୟମାନ। (ଆଖିଖୋଲି ଦେଖିଛି ଏ ଘର କେତେ ଚମତ୍କାର,/ କେତେ ନା ଉତ୍ସବ, ଜୟନ୍ତୀ, ଶୋକସଭା,/ କଷ୍ଟ କରି ଦି' ମିନିଟ ନୀରବ ପ୍ରାର୍ଥନା।/ କେତେ ସମ୍ବର୍ଦ୍ଧନା ଓ ଭର୍ତ୍ସନା ପୁଣି ସମ୍ବର୍ଦ୍ଧନା।/ ଦାବୀ, ପ୍ରତିବାଦ, ଧ୍ୱନି... - ରବୀନ୍ଦ୍ର ମଣ୍ଡପ - କବିତା ୧୯୮୭; ପୃ ୧୫) ଦୀର୍ଘ ସ୍ମୃତି ଓ ଅନୁଭୂତି ସହ ଅନେକ କାର୍ଯ୍ୟକ୍ରମର ଏ ହେଉଛି ପେଣ୍ଠସ୍ଥଳ। ତଥାପି ଏହାର ରକ୍ଷଣାବେକ୍ଷଣ ପ୍ରତି କାହାର ଦୃଷ୍ଟି ନାହିଁ - ଯାହା କବି ପ୍ରାଣକୁ ମର୍ମାହତ କରିଛି।(କେହି କିନ୍ତୁ ଭାବେ ନାହିଁ ମରାମତି କଥା,/ କୋଠାଟା ଯେ ହୋଇଅଛି ଜଖମ !! - ରବୀନ୍ଦ୍ର ମଣ୍ଡପ - କବିତା ୧୯୮୭; ପୃ ୧୬)ଏକ ଗଠନ ମୂଳକ ଅଭିବ୍ୟକ୍ତି ସହ ଓଡ଼ିଶା ଇତିହାସର ଏକ ଦୀର୍ଘ ଅଧ୍ୟାୟକୁ କବି ଏହା ମାଧ୍ୟମରେ ଉଜ୍ଜୀବିତ କରିଛନ୍ତି।

'କବିତା ୨୦୦୩' ସଂକଳନରେ ସ୍ଥାନିତ 'ବାଲିଆପାଳ' କବିତା କବିଙ୍କ 'କବିତା ୧୯୮୭' ସ୍ଥାନିତ କବିତାର ଅନୁରୂପ। ଏହି କବିତା ଦ୍ୱିତୀୟ ଥର ପାଇଁ ଏହି କବିତାରେ ମଧ୍ଯ ସଂକଳିତ। ତେଣୁ ଏହାର ଆଲୋଚନା ଅନାବଶ୍ୟକ। କବିଙ୍କ ଏହି ସଙ୍କଳନରେ 'କଲମ୍ବୋରେ ସନ୍ଧ୍ୟା' ଶୀର୍ଷକ ତାଙ୍କ ଅନ୍ୟ ଏକ କବିତା ସ୍ଥାନିତ। ଯାହା ତାଙ୍କ ୟୁ.ପି.ରେ ସନ୍ଧ୍ୟା (ଅଭିଜ୍ଞାନରେ ପ୍ରକାଶିତ)ର ଅନୁରୂପ ଚେତନାର ମନେହୁଏ। କବି ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ ପହଞ୍ଚି ସେଠାକାର ପାଞ୍ଚ ତାରକାରେ ବିଶ୍ରାମ

ନେଇଛନ୍ତି। ସେତେବେଳକୁ ସନ୍ଧ୍ୟା ହୋଇସାରିଥାଏ ଏବଂ ସନ୍ଧ୍ୟା ସହ କବିଙ୍କ ମନରେ ଭାସି ଆସେ ଆହେତୁକ କୌତୁହଳ ନେଇ ଅମ୍ବଳ ତୋଟା ବନ୍ଦର, କୀର୍ତ୍ତିଶ୍ରୀ ମଲ୍ଲଙ୍କ ଶୀଳାଲେଖ, ମେଘବାହାନଙ୍କ ବୀରତ୍ୱ ପୁଣି ଲଙ୍କେଶ ରାବଣର ସିଂହଳଦ୍ୱୀପ। କବି ଶ୍ରୀଲଙ୍କାର କୀର୍ତ୍ତି ରାଜି ସହ ନିଜ ମାତୃଭୂମିର ମହନୀୟତାକୁ ସ୍ମୃତି ଚାରଣ କରିଛନ୍ତି। (ଭାବେ ମୁଁ ଦେଖିବି ଯାଇ ଅମ୍ବଳ ତୋଟାରେ / ଶୀଳା ଲେଖ କୀର୍ତ୍ତିଶ୍ରୀ ନିଶଙ୍କ ମଲ୍ଲର, କଳିଙ୍ଗର ରାଜବଂଶୀ ମେଘବାହାନର ...। - କଲମ୍ବୋରେ ସନ୍ଧ୍ୟା - କବିତା ୨୦୦୩; ପୃ ୮୦) କବିଙ୍କର ସ୍ୱଦେଶ ପ୍ରୀତିର ଅନନ୍ୟ ଉଚ୍ଚାରଣ କବିଙ୍କ ଏହି କବିତାରେ ପ୍ରତିଭାତ ହେବା ସଙ୍ଗେ ସଙ୍ଗେ ଶ୍ରୀଲଙ୍କା ସହ ଓଡ଼ିଶା ତଥା ଭାରତର ଅତୀତ ସମ୍ପର୍କ ଓ ସମନ୍ୱୟର ଏକ ସୁଦୀର୍ଘ ପରମ୍ପରାକୁ କବି ଏହି କବିତା ମାଧ୍ୟମରେ ଉଜ୍ଜୀବିତ କରିଛନ୍ତି।

ସଚ୍ଚି ରାଉତରାୟଙ୍କ ପରେ ସ୍ୱାଧୀନତା ପରବର୍ତ୍ତୀ ଓଡିଆ କବିତା କ୍ଷେତ୍ରରେ ଜଣେ ବିମୁଗ୍ଧ ଉଚ୍ଚାରଣ କବି ଗୁରୁପ୍ରସାଦ ମହାନ୍ତି (୧୯୨୪-୨୦୦୪)। ତାଙ୍କ 'ଆଶ୍ଚର୍ଯ୍ୟ ଅଭିସାର'(୧୯୮୮)ରେ ସ୍ଥାନ ନାମକୁ ନେଇ କିଛି କବିତା ସେ ଲେଖିଥିବାର ସୂଚନା ମିଳେ। ପ୍ରଥମତଃ ଏହି ଧରଣର ପ୍ରଥମ କବିତା ଭାବେ ଆମ ସାମ୍ନାକୁ ଆସେ 'ନିଶ୍ଚିନ୍ତ କୋଇଲି'। ତେବେ ମୂଳତଃ ଏହି କବିତା କବିଙ୍କ ବସ ଯାତ୍ରା ଅନୁଭୂତି ମୂଳକ। ଷ୍ଟେସନରେ ବସ୍ ରହିବାର କିଛି ସମୟ ମଧ୍ୟରେ ସେ ନିଶ୍ଚିନ୍ତକୋଇଲିକୁ ଦେଖିଛନ୍ତି, ପୁଣି ଦେଖିଛନ୍ତି ତା'ର ଅପର୍ଯ୍ୟାପ୍ତ ଧାନକ୍ଷେତ, ଆମ୍ବ ବେଳ ପଣସର ନିଘଞ୍ଚ ତୋଟା। (କୋଇଲି ଗାଏକି ନାହିଁ ସେ ଗାଁରେ - ସେଠି କିନ୍ତୁ / ଧାନକ୍ଷେତ ଧାନକ୍ଷେତ ଅପର୍ଯ୍ୟାପ୍ତ ସବୁଜ ସବୁଜ / ଆମ୍ବ ବେଳ ପଣସର ନିଘଞ୍ଚ ତୋଟାରେ/ ... - ନିଶ୍ଚିନ୍ତ କୋଇଲି - ଆଶ୍ଚର୍ଯ୍ୟ ଅଭିସାର; ୪୨) ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ କବି ବିଭୋର ହେବା ସହ ଅନେକ ଶଙ୍କା ମଧ୍ୟ ତାଙ୍କ ମନରେ ସୃଷ୍ଟି ହେଇଛି। ସେଠି ଯେମିତି ସବୁଠାଇ କିଛି ନାହିଁ। ସବୁକିଛି ଯେମିତି ନୀରବ। ଶଙ୍କା ଓ ଆଶଙ୍କା ଭିତରେ କବି ସହଯାତ୍ରୀ ବନ୍ଧୁଙ୍କ ନିଦ ଯାଚନା କରି ଦି' ଦିହର ଏ ବେଳାରେ ନିଦ୍ରାରେ ବୁଡିଯିବାକୁ ଚହୁଁଛନ୍ତି। ନିଶ୍ଚିନ୍ତକୋଇଲିରୁ ସେ ଓଡ଼ିଶା ସୀମା ଡେଇଁ ଯେତେବେଳେ ଅନ୍ୟତ୍ର ଯାଉଛନ୍ତି ତାଙ୍କ ଆଖି ଭିତରେ ଏ ମାଟିର ସମୁଦ୍ର, ପାହାଡ, ଗାଁ ଘାଟି, ମରୁଭୂମି ସବୁକିଛି ଯେମିତି ଏ ଯାଏଁ ଲିଭିନି। (ନିଶ୍ଚିନ୍ତ କୋଇଲି ଡେଇଁ ଓଡିଶାର ସୀମା ପାରି ହୋଇ/ ବରଫ ଓ ମରୁଭୂମି, ଗାଁ ଘାଟି ଜଙ୍ଗଲର ସହରର/ ସବୁ ନଇଁ ପର୍ବତର ସମୁଦ୍ରର ତୁମର ଆଖିର ବ୍ୟାପ୍ତି/ ତୁମର ଓ ମୋର ଏହି ପରିବ୍ୟାପ୍ତ ଏ ଦେଶର/ ଏଠି ବସ ଛିଡା ହେବାର ସୁନ୍ଦର ମୁହୂର୍ତ୍ତ। - ନିଶ୍ଚିନ୍ତକୋଇଲି - ଆଶ୍ଚର୍ଯ୍ୟ ଅଭିସାର; ପୃ ୪୩)

ଏହା ପରେ ନିଶ୍ଚିନ୍ତକୋଇଲିକୁ ନେଇ 'ନିଶ୍ଚିନ୍ତକୋଇଲି - ୩୦ ବର୍ଷ ପରେ' ଶୀର୍ଷକ ଅନ୍ୟ ଏକ କବିତା ମଧ୍ୟ ସ୍ଥାନିତ ହୋଇଛି। ଯେଉଁଠି କବିଙ୍କ ସୌନ୍ଦର୍ଯ୍ୟ ଚେତନା ଉଭେଇ ଯାଇଛି। ଏହି ତିରିଶ ବର୍ଷ ଭିତରେ ନିଶ୍ଚିନ୍ତକୋଇଲିରେ ଅନେକ ପରିବର୍ତ୍ତନ ଆସିଛି। ଯେଉଁଠି ଦିନେ ବସ୍ ରହିଲେ କୌଣସି ବ୍ୟକ୍ତିଙ୍କୁ ଦେଖିବାକୁ ମିଳୁନଥିଲା ଆଜି ବହୁ ଦୋକାନ ବଜାର, ରାସ୍ତାରେ ଲୋକଙ୍କ ଭିଡ, ବ୍ୟବସାୟ, କାର, ଟ୍ରକ୍, ବସ ସବୁ କିଛିର ଗହଳି। ସବୁଜ ସେହି ଧାନ କ୍ଷେତ ଏବେ ଝୋଟର ଅରଣ୍ୟରେ ରୂପାନ୍ତରିତ ହୋଇଅଛି। ସବୁକିଛି ଯେମିତି ଧୂସର। ସତେକି ପ୍ରାଣର ଉଚ୍ଛ୍ୱାସ ଆଉ ନାହିଁ। ସେ ମରିସାରିଛି। କୋଇଲି ଏଠାରେ ଏକ ପ୍ରତୀକ ଭାବେ ବ୍ୟବହୃତ। (କୋଇଲିର ମୃତ୍ୟୁ ପରେ ବଜାରରେ ବହୁତ ଦୋକାନ / ରାସ୍ତାରେ ବି ଲୋକ ଭିଡ, ବ୍ୟବସାୟୀ, କାର୍ ଟ୍ରକ ବସ ବି ବହୁତ / ଧାନ କ୍ଷେତ ଝୋଟ ବଣ କୋଇଲି ତ ମୃତ୍ୟୁର ସ୍ମୃତିରେ ଦେଖାଯାଏ ବିପର୍ଯ୍ୟାପ୍ତ ଧୂସର ବିକ୍ଷତ। - ନିଶ୍ଚିନ୍ତକୋଇଲି - ତିରିଶ ବର୍ଷ ପରେ - ଆଶ୍ଚର୍ଯ୍ୟର ଅଭିସାର; ପୃ ୪୪) କବିଙ୍କ ନିଶ୍ଚିନ୍ତକୋଇଲିର ପରବର୍ତ୍ତୀ ଭାଗ ଭାବେ ଏହାକୁ ଗ୍ରହଣ କରାଯାଇପାରେ। ଯେଉଁଠି କବିଙ୍କ ଓଡିଆ ମନ ବ୍ୟଥିତ। ଦ୍ରୁତ ନଗରୀକରଣ ଓ ସଭ୍ୟତାର ବିକାଶ ଭିତରେ ମଣିଷର ସୌନ୍ଦର୍ଯ୍ୟ ପିପାସାକୁ ଚରିତାର୍ଥ କରୁଥିବା ପ୍ରକୃତିକ ପରିବେଶର ଅବକ୍ଷୟର ଚିତ୍ର ଏଠାରେ ନିହିତ। କବିଙ୍କ ଏହି କବିତାରେ ନଷ୍ଟଲଜିକ୍ (Nostalgic) ଭାବନାର ପରିପ୍ରକାଶ ସ୍ପଷ୍ଟ ଅନୁମେୟ। 'ନିଶ୍ଚିନ୍ତକୋଇଲି'ର ଏକ ଅନୁରୂପ କବିତା ହେଉଛି 'ମାର୍ଶାଘାଇ'। ଧାବମାନ ସହରୀ ସଭ୍ୟତା କବିଙ୍କୁ ଶାନ୍ତି ଦେଇପାରି ନାହିଁ। ତେଣୁ କବି ଅନ୍ୱେଷଣ କରିଛନ୍ତି ଶାନ୍ତିର, ପ୍ରକୃତିର ପୁଣି ଶୀତଳ ସମୀର ଓ ସବୁଜ ବନାନୀର। ତେଣୁ କବିତାର ଆରମ୍ଭରୁ ହିଁ କବିଙ୍କର ବିଭୋରତା ଲକ୍ଷ୍ୟ କରାଯାଇପାରେ। ସେ ସକାଳକୁ ସ୍ୱାଗତ କରୁଛନ୍ତି ହଳଦୀବସନ୍ତ ପରି , କାକର ଓ ଖରା ଛିଞ୍ଚା ଘାସରେ-ପତ୍ରରେ। ପୁଣି ସକାଳର ଖରା ସତେକି ନିଜ ନାଲି ହାତ ପାପୁଲିରେ ସେହି କୁହୁଡିକୁ ଆଡେଇ ଯାଉଛି ଅମ୍ବତୋଟା ଓ ଖଜୁରୀ ଗଛରୁ।(ଏଠିତ ସକାଳ ଆସେ ହଳଦୀବସନ୍ତ ପରି / କାକର ଓ ଖରା ଛିଞ୍ଚି ଘାସରେ ପତ୍ରରେ/ ସକାଳ ଖରା ତ ଏଠି ନାଲି ହାତ ପାପୁଲିରେ / କୁହୁଡି ଆଡେଇ ଯାଏ ଆମ୍ବ ତୋଟା ଖଜୁରୀ ଗଛରୁ ...। - ମାର୍ଶାଘାଇ - ଆଶ୍ଚର୍ଯ୍ୟ ଅଭିସାର; ୪୫) କବି ଗୋଟିଏ ପଟେ ଏକ ଚମତ୍କାର ପ୍ରକୃତି ବର୍ଣ୍ଣନା ଭିତରେ ହଜିଥିବା ବେଳେ ଅନ୍ୟ ପକ୍ଷରେ ତାଙ୍କୁ ବିବ୍ରତ କରିଛି ରାଜନୀତି ଓ ବ୍ୟବସାୟର କଳୁଷିତ ନର୍ଦ୍ଦମା। ତଥାପି କବିଙ୍କୁ ବିଭୋର କରିବା ପାଇଁ ଅନେକ କିଛି ଉପାଦାନ ଗଚ୍ଛିତ, ସେ ହେଇପାରେ ନୀଳ ନୀଳ ନିର୍ଜନ ଆକାଶ, କେନାଲ କୂଳ, ଧାନ କ୍ଷେତ, ମାଛରଙ୍କା ଶଙ୍ଖଚିଲ, ପାଣି-ପଙ୍କ-କଣ୍ଟା-ଫୁଲ ପୁଣି ଖଜୁରୀ ଡାଳର ଡାହି ଛୁଇଁ ଛୁଇଁ ଫେରୁଥିବା ପବନର ଅନାସକ୍ତ ସ୍ନେହ ଆଉ ନିଶ୍ୱାସ। ଏକ ଉଚ୍ଚକୋଟୀର ସୌନ୍ଦର୍ଯ୍ୟ ପିପାସା ଓ ପ୍ରକୃତିପ୍ରାଣତା କବିଙ୍କ ଉକ୍ତ କବିତାରୁ ସହଜଲଭ୍ୟ।

କବି ବେଣୁଧର ରାଉତ(୧୯୨୫-୨୦୦୪)ଙ୍କ 'ଏକତାରା ଦୁଇତାରା' କବିତା ଗ୍ରନ୍ଥରେ ସ୍ଥାନିତ ହୋଇଛି କାଶ୍ମୀର କବିତା। ପୂର୍ବରୁ ସୂଚିତ ଯେ ସ୍ଥାନ ନାମ ସ୍ୱତନ୍ତ୍ର କବିତାରେ ଭୌଗୋଳିକ ପର୍ଯ୍ୟାବରଣ ସହ ସେହି ସ୍ଥାନର ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତର ଘଟଣା ହୁଏ ଚରିତାର୍ଥ। ଅନୁରୂପ ଭାବେ କବିଙ୍କ ଏହି କାଶ୍ମୀର କବିତାରେ କାଶ୍ମୀରର ଅପରୂପ ଶୋଭା ସହ ତାର ବର୍ତ୍ତମାନିକ ସ୍ଥିତି ଉପରେ କବିଙ୍କ ଭାବନା କେନ୍ଦ୍ରୀଭୂତ। ପୃଥିବୀର ସ୍ୱର୍ଗ ତୁଲ୍ୟ ଏହି କାଶ୍ମୀର ଯିଏ ହୀରା ଇନ୍ଦ୍ରନୀଳମଣୀ ବୈଦୁର୍ଯ୍ୟର ଗାଢା ଭାରତମାତାର ଶେଖର -ମୁକୁଟ ତୁଲ୍ୟ। (ପୃଥିବୀରେ ଥାଏ ଯଦି ସ୍ୱର୍ଗ/ ତାହା ହେଉଚି ଏହି କାଶ୍ମୀର, / ...ହୀରା ଇନ୍ଦ୍ରନୀଳମଣି ବୈଦୁର୍ଯ୍ୟ/ ଗଢା ଏହି କାଶ୍ମୀର ଏଇ କାଶ୍ମୀର/...- କାଶ୍ମୀର - ଏକତାରା ଦୁଇତାରା; ୭୫) ଭାରତମାତାର ଶେଖର -ମୁକୁଟ/ ସେ ପୁଣି ସର୍ବଦା ଅଥୟ ଓ ଅସମ୍ଭାଳ। ଏ ହୀନତା, କ୍ଳୀବତା ପୁଣି କ'ଣ ପାଇଁ ! କବିଙ୍କର ଏ ବିଦ୍ରୋହୀ ମନର ପ୍ରଶ୍ନ ? (କାହିଁକି ମର୍ତ୍ତ୍ୟର ଏଇ ସ୍ୱର୍ଗ ଏ ଦେଶରେ/ ରକ୍ତାକ୍ତ ଅଥୟ ଅସମ୍ଭାଳ-/ କେଉଁ ଉପଦ୍ରବେ ଅବା କେଉଁ କ୍ଳୀବତାରେ। - କାଶ୍ମୀର - ଏକତାରା ଦୁଇତାରା; ୭୬) ଅନେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱରେ କବି ପ୍ରାଣ ହୋଇଛି ଭାରାକ୍ରାନ୍ତ। ଭବିଷ୍ୟତକୁ ନେଇ କବିଙ୍କ ନାନା ଆଶଙ୍କା। ଯାହା ସ୍ପଷ୍ଟ ସୁଚେଇ ଦିଏ କବିପ୍ରାଣର ବ୍ୟଥା ଓ କାଶ୍ମୀର ପ୍ରତି ଥିବା ଗଭୀର ପ୍ରେମ।

କବି ଉମାଶଙ୍କର ପଣ୍ଡା(୧୯୩୧-୨୦୧୫)ଙ୍କ କବିତା ଗ୍ରନ୍ଥ 'ନିଃଶବ୍ଦ ନୂପୁର'ରେ ସ୍ଥାନ ନାମକୁ ଭିତ୍ତି କରି ତିନୋଟି କବିତା ଲକ୍ଷ୍ୟ କରାଯାଇପାରେ। ପ୍ରଥମତଃ ତାଙ୍କ କବିତାରେ ଝଙ୍କାର କଟକ ସହରକୁ ନେଇ ରଚିତ କବିତା 'କଟକ ନଗର'। ହଜାର ବର୍ଷର ଏହି ସହର ସବୁଦୃଷ୍ଟିରୁ ଅନନ୍ୟ। ଏଠି କେବେ ରାତି ହୁଏନା କି ଦିନ ବି

ହୁଏନା, କିନ୍ତୁ ବରାବର ସକାଳ ହୁଏ ମହାନଦୀ ଆଉ କାଠଯୋଡି ନଦୀବନ୍ଧ ଆରପଟେ। ଏକ କଟକ କହିଲେ ଏକ ଭାବାବେଗ, ନଗର ସଭ୍ୟତାର ଚରମ ଦୃଷ୍ଟାନ୍ତ। କବି ଗୁରିପ୍ରସାଦଙ୍କ ସମୁଦ୍ର ସ୍ନାନ କବିତାର ପ୍ରତିଛତ୍ର କଟକକୁ ଯେମିତି ଭଲ ଭାବେ ଚିହ୍ନେଇଦିଏ। ସେମିତି ଉମାଶଙ୍କରଙ୍କ କବିତାରେ ମଧ୍ୟ ଗୁରୁପ୍ରସାଦୀୟ ବିଷଦବାଦ ଓ ନଷ୍ଟାଲଜିକ୍ ଚିନ୍ତାଧାରାର ପରିପ୍ରକାଶ ଲକ୍ଷ୍ୟ କରାଯାଏ।(ଶବ ଯାତ୍ରା ଶୋକ ସଭା କାହାପାଇଁ / ଏ ନଗ୍ରରେ କିଏ ତା'ର ପ୍ରାଣର ଦୋସର ?/ ଚିହ୍ନା ମୁହଁମାନ ସବୁ ଅଚିହ୍ନା ଲାଗନ୍ତି / ଗୀର୍ଜା ଏବଂ ମନ୍ଦିରରେ ପ୍ରତିଧ୍ୱନି ଶେଷ ପ୍ରାର୍ଥନାର। - କଟକ ନଗର - ନିଃଶବ୍ଦ ନୂପୁର; ପୃ ୩୭) ଯୁଦ୍ଧୋତ୍ତର ପୃଥିବୀର ଖଣ୍ଡିତ ପ୍ରାଣହୀନ ମଣିଷର ଭିତରେ ସ୍ନେହ, ପ୍ରେମ ଓ ସଦଭାବ ଯେମିତି କୋଉ ବୋମା ମାଡରେ ଧ୍ୱସ୍ତ ହୋଇସାରିଛି। ରହିଯାଇଛି ତ କେବଳ ତା'ର ଜୀବାଶ୍ମ। କଟକ ସହରର ଭୌଗୋଳିକ ଅବସ୍ଥିତି ଓ ଇତିହାସ ସହ ବର୍ତ୍ତମାନର ସ୍ଥିତିକୁ ଯୋଡିବାର ପ୍ରୟାସ କବିଙ୍କର ଅନନ୍ୟ। ସହରୀ ସଭ୍ୟତାରେ ଦେଖାଦେଇଥିବା ମୂଲ୍ୟବୋଧହୀନ ଜୀବନଜାପନର ଚିତ୍ର ହୋଇଉଠିଛି କବିତାରେ ଜୀବନ୍ତ। ଯହିଁରେ ଜନନୀ, ଜାୟା, ବାପ, ପୁଅ, ଝିଅ ଭଳି ସମ୍ପର୍କମାନେ ମଧ୍ୟ ମୃତାହତ। ସତେକି ଏକ ଅଦୃଶ୍ୟ ଅମାନବୀୟ ଓ ମୂଲ୍ୟବୋଧ ରହିତ ପ୍ରଳୟଙ୍କରୀ ନିଆଁରେ ଏ ସହର ଗୋଟାପଣେ ଜଳୁଛି। ଧୀରେ ଧୀରେ ପାଉଁଶ ହେଉଛି ସମ୍ପର୍କ-ମୂଲ୍ୟବୋଧ-ଜୀବନ। (ଏଇମାତ୍ର ଜଳିଗଲା କଟକ ନଗର ନାମେ ଏକଇ ନଗର/ ମାନତ ନିଜସ୍ୱ ନୁହେଁ। ନିଷ୍ପାପବି ନୁହେଁ ଜଳିବାର / କିଏ ବା ଜନନୀ ଜାୟା / କିଏ ପିତା କିଏ କନ୍ୟା ଏ ନଗ୍ରରେ / ଚିହ୍ନିବା ସହଜ ନୁହେଁ କିଏ ପର କିଏ ଆପଣାର। - କଟକ ନଗର - ନିଃଶବ୍ଦ ନୂପୁର; ପୃ ୩୮)

ସେହିପରି କବିଙ୍କ 'ଓଡିଶା' ଶୀର୍ଷକ ଦୁଇଟି କବିତା ଉକ୍ତ ସଙ୍କଳନରେ ସ୍ଥାନିତ। ଯହିଁରେ ଓଡିଆତ୍ୱର ମହକ ସ୍ୱତଃ ବାରିହୁଏ। ସେ ହେଉ ଜୀବନର ପ୍ରତିକୂଳ ମୁହୂର୍ତ୍ତ ଅଥବା କେଉଁ ଏକ ରକ୍ତାକ୍ତ ବିପ୍ଳବର ସାଇରନ ସ୍ୱର; ଜୀବନର ଚଲାପଥରେ ରକ୍ତ ଓ ନିଶ୍ୱାସରେ ଫୁଟୁଥିବା ଦୁଃଖର କୃଷ୍ଣଚୂଡା, ସବୁ ଯନ୍ତ୍ରଣାର ମୂହୁର୍ତ୍ତରେ କେବଳ ଓଡିଶା ହିଁ କବିଙ୍କର ପରିଚିତ ମୁହଁ।(...ଯନ୍ତ୍ରଣାର ମୁହୂର୍ତ୍ତରେ ପରିଚିତ ମୁହଁମାନ ଓଡ଼ିଶାର ମୁହଁପରି ଦିଶେ। - ଓଡିଶା -ନିଃଶବ୍ଦ ନୂପୁର; ପୃ ୪୯) ଯେଉଁଠି କବି ପାଇଛନ୍ତି ଆଶ୍ୱାସନା ଓ ଯୁଗ ଯନ୍ତ୍ରଣରୁ ନିସ୍ତାରଣ। ଓଡ଼ିଶା ମାଟିର ଚିରସାଥୀ ବନ୍ୟା-ବାତ୍ୟା -ମରୁଡି, ଯାହାର ଆଗମନରେ କେତେ ପ୍ରାଣ ଉଜୁଡିଯାଏ, କେତେ ମଣିଷ କଙ୍କାଳ ହୁଅନ୍ତି ତାର ହିସାବ ବା କାହାପାଖରେ ? ସାଧାରଣ ମଣିଷର ଜୀବନ ଲୀଳା ସେମିତି ଧିମେଇ ଚାଲେ, ବଞ୍ଚିବାର ଆଶାବାଡି ମାନେ ଶତ ଖଣ୍ଡିତ ହୁଅନ୍ତି। ଚିରଚରିତ ସଂସାରରେ କଉ ଦୁଃଖିନୀ ମା' ପୁଅ ହରାଏ, ପୁଣି କଉ ସଧବା ନାରୀ ମୁଣ୍ଡରୁ ସିନ୍ଦୂର ଓ ହାତରୁ ଚୁଡି ଭଙ୍ଗାହୁଏ। ଯା' ଭିତରେ କବିଙ୍କ ନୀରବ ଦଇନି ସେହି ବଡଠାକୁରଙ୍କୁ, ଜୀବନର ଦୁର୍ଦ୍ଦଶା ସବୁକୁ ଅର୍ଘ୍ୟ କରି ଶ୍ରୀ ଛାମୁରେ ଜଣାଣ କରନ୍ତି କବି ଅନ୍ତଃମନରେ। ସବୁରି ଶେଷରେ ସେହି ଚକାଆଖି ତୁଲ୍ୟ ମହା ଶୂନ୍ୟତା ଭିତରେ ହସ କାନ୍ଦ କରୁଣ ମୁହଁମାନଙ୍କର ଆଶ୍ଚର୍ଯ୍ୟ ଆଲୋକରେ କବିଙ୍କୁ ଅଭାଗିନୀ ଓଡିଶାର ମୁହଁ ଠିକ୍ ମା' ପରି ମନେହୋଇଛି। (ସବୁ କିଛି ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଠିକ୍ ତୁମ ଚକା ଆଖି ପରି / ହସ କାନ୍ଦ କରୁଣ ମୁହଁର ଯେତେ ମାନଚିତ୍ର ଆଶ୍ଚର୍ଯ୍ୟ ଆଲୋକେ / ଅଭଗିନୀ ଓଡିଶାର ମୋ ମାଆ ମୁହଁପରି ଦିଶେ। - ଓଡିଶା - ନିଃଶବ୍ଦ ନୂପୁର; ପୃ ୫୦) କବିତା ଭିତରେ ଓଡ଼ିଶାର ସ୍ଥିତି, ଜୀବନ ଚିନ୍ତା ଓ ଧର୍ମୀୟ ଭାବନାର ଉତ୍ତୋରଣ ସହ କବିଙ୍କ ମାତୃଭୂମି ପ୍ରତି ଉଦାରତା ସ୍ୱଷ୍ଟ ପ୍ରତୀକିତ। ଅନୁରୂପ ଭାବେ କବିତାର ଦ୍ୱିତୀୟ ଭାଗରେ ମଧ୍ୟ ମାତୃଭୂମି ପ୍ରୀତିର ଚରମ ନିଦର୍ଶନ ଲକ୍ଷ୍ୟ କରାଯାଇପାରେ। ଓଡ଼ିଶାର ଐତିହ୍ୟ ଓ ଗୌରବର ଯଶଗାନ କରିବା ସହ ଓଡିଶା ପ୍ରତି ନିୟତିର ନିୟମିତ ଅନ୍ୟାୟରେ କବି ହୋଇଛନ୍ତି ମର୍ମାହିତ। ନିଜକୁ ଓଡିଶା ଜନନୀର ସନ୍ତାନ ଭାବେ ଲୁଣ୍ଠିତ ଶିରୀ ଫେରେଇ ଆଣିବାର ଦାୟିକତା କବିତାର ମୂଲ୍ୟବୋଧକୁ ଶତଗୁଣିତ କରେ। (... କାନ୍ଦନା ଲୋ ମାଆ ମୋର ନିରିମାଖି କାନ୍ଦନା କୋ ଆଉ। / ମୁଁ ଆଣିଛି ପାଣିକାଚ ମୁଠାଏ ସିନ୍ଦୂର/ଏବଂ ଅସ୍ଥି ଦଧିଚୀର / ମୁଁ ବାଢୁଛି ଗୋପପୁରେ ସନ୍ତାନ ତୋ ଅଷ୍ଟମ ଗର୍ଭର। - ଓଡିଶା ୨ - ନିଃଶବ୍ଦ ନୂପୁର; ପୃ ୫୩)

'ଏସପ୍ଲାନେଡ଼ / କଲିକତା' ଶୀର୍ଷକ କବିତାରେ ଦାର୍ଶନିକ ଦୃଷ୍ଟିଭଙ୍ଗୀ ସହ ପ୍ରକୃତିପ୍ରାଣ କବି ମାନସର ଚିତ୍ର ନିହିତ। ଯେଉଁଠି ସେ ସ୍ୱାର୍ଥ ସର୍ବସ୍ୱ ମଣିଷର ଅସଲ ମୁଖା ଉନ୍ମୋଚନ କରିବା ସହ ଏସପ୍ଲାନେଡ଼ର ଯଦୁଗରୀ ସୌନର୍ଯ୍ୟର ମାୟାରେ ପ୍ରଶ୍ନୀଳ ହୋଇଛନ୍ତି ।(ତୁ କ'ଣ ସତରେ କିମିଆଁ ଜାଣୁ !/ ତୋ ବଗିଚାର କଞ୍ଚନ ଓ ସୁନାରୀ ଫୁଲ ଝରିଗଲା ପରେ ରାସ୍ତାସାରା/ନୂତନ ଦେହର ବାସ୍ନା...-ଏସପ୍ଲାନେଡ଼ / କଲିକତା - ନିଃଶବ୍ଦ ନୂପୁର; ପୃ ୭୭) ସାଂପ୍ରତିକ ମଣିଷକୁ ଏକେଲାପଣ ସତେକି ଗୁଡେଇ ଧରିଛି, ସେ ଚାହିଁ ମଧ୍ୟ ନିଜକୁ ମୁକ୍ତ କରିପାରି ନାହିଁ ଏହାକୁ ନିଜଠୁ। ଏକ ପ୍ରତୀକାତ୍ମକ ଦୃଷ୍ଟି ନେଇ କବିଙ୍କ ଅଭିବ୍ୟକ୍ତି କବିତାକୁ କରିପାରିଛି ସ୍ୱତନ୍ତ୍ର। ଏହି ଧରଣର ଆଉ ଏକ କବିତା ହେଉଛି 'କନଟ ପ୍ଲେସ / ଦିଲ୍ଲୀ'। କହିବା ବାହୁଲ୍ୟ କବିଙ୍କ ଏହି କବିତାରେ ମଧ୍ୟ ନଗର ସଭ୍ୟତା ବିମୁଖ କବିପ୍ରାଣର ଯନ୍ତ୍ରଣା ବାରିହୋଇ ପଡେ। କବିଙ୍କ ଏହି କବିତା 'କଟକ ନଗର' କବିତାର ସମଧର୍ମା ମନେହୁଏ। ରାଜଧାନୀ ଦିଲ୍ଲୀର ରାତ୍ରି ରହଣି କାଳରେ କବି ଅନୁରୂପ ଭାବେ ସହରୀ ଶୂନ୍ୟତା ଓ ଏକଲାପଣକୁ ଅନୁଭବ କରିଛନ୍ତି। ଲମ୍ବା ରାସ୍ତା ସବୁ ତାଙ୍କୁ ସାପ ପରି ଯେମିତି ଏକ କୁହୁକ ପେଡି ଭିତରେ ଚୁପଚାପ ଶୋଇଥିବା ପରି ମନେହୋଇଛି। (ସବୁ ଲମ୍ବା ରାସ୍ତାତକ ସାପପରି ଗୋଟିଏ କୁହୁକ ପେଡ଼ିରେ/ ଯେମିତି ଚୁପଚାପ ଶୋଇଛନ୍ତି କୁତବ ବା ବୋଟକ୍ଲବର/ ମୈଁଦାନରେ। ତୁ ବୁଲିବୁଲି ଥକିଗଲେ କାହାର କି ଯାଏ ?- କନଟ ପ୍ଲେସ / ଦିଲ୍ଲୀ -ନିଃଶବ୍ଦ ନୂପୁର; ପୃ ୭୮) ଯେଉଁଠି ଏକେଲାମଣିଷ ବୁଲି ବୁଲି ଥକିଗଲେ ମଧ୍ୟ କାହାର କିଛି ଯାଏଆସେ ନାହିଁ ! ଆଧୁନିକ ମଣିଷର କାହା ପାଇଁ ଚିନ୍ତା କାହିଁକି ? ଆତ୍ମସର୍ବସ୍ୱ ମାନସିକତା ଆଜି ମଣିଷକୁ ଅନ୍ଧ କରିଛି। ଯାହାର ଏକ ପ୍ରତୀକାତ୍ମକ ବାସ୍ତବ ଚିତ୍ର ଏହି କବିତାର ପ୍ରାଣସତ୍ତା।

କବି ରବି ସିଂ(୧୯୩୨-୨୦୨୦)ଙ୍କ ସଂକଳିତ କବିତା ସଂକଳନଗୁଡିକରେ ମଧ୍ୟ ସ୍ଥାନ ନାମର କିଛି କବିତା ସନ୍ନିହିତହିତ ହୋଇଅଛି। ତେବେ ତାଙ୍କ 'ଅଗ୍ନିବେଦ' କବିତା ଗ୍ରନ୍ଥରେ ସ୍ଥାନିତ 'ଶାନ୍ତିନିକେତନ' କବିତାକୁ ବିଚାର କରାଯାଇପାରେ। ଏହି କବିତାରେ କବି ଶାନ୍ତିନିକେତନର ବର୍ତ୍ତମାନିକ ସ୍ଥିତି ଦେଖି ଗଭୀର କ୍ଷୋଭ ପ୍ରକାଶ କରିବା ସହ କବି ଗୁରୁଙ୍କୁ ସ୍ମରଣ କରିଛନ୍ତି।('ନିକେତନ' ଅଛି, ନାହିଁ ତ 'ଶାନ୍ତି', ନାହଁ ତମେ କବିଗୁରୁ,/ ଉପରେ ବିରାଜେ ଶାନ୍ତ ଆକାଶ, ନିମ୍ନେ ଗହଳ-ତରୁ;/ଧୀର ସମୀରଣ, ଫୁଲର ସୁରଭି/ ଚାରିଦିଗେ ଉଭା ଆହେ ମହାକବି !... - ଶାନ୍ତିନିକେତନ - ଅଗ୍ନିବେଦ; ପୃ ୪୬) ଯେଉଁଠି ସେ ନିକେତନକୁ କେବଳ ଭେଟିଛନ୍ତି କିନ୍ତୁ ଶାନ୍ତି ଏଠୁ ବହୁତ ଦୂରରେ। ପ୍ରକୃତିର ଶାନ୍ତତା ଓ ସୌକର୍ଯ୍ୟ ଯଦିଓ କବି ପ୍ରାଣକୁ ଉଲ୍ଲସିତ କରିପାରିଛି, କିନ୍ତୁ ବେଶୀ ସମୟ ସେ ତାଙ୍କୁ ଆଚ୍ଛନ୍ନ କରିପାରିନାହିଁ। କବିଙ୍କ ବିଦ୍ରୋହ ଆତ୍ମା ବିଦ୍ରୋହର ବହ୍ନି ତୋଳିଛି, ଯେଉଁ ଶାନ୍ତିନିକେତନରେ କବି ଗୁରୁ ବିଶ୍ୱ ପ୍ରେମର ବାଣୀ ପ୍ରଚାର କରିଥିଲେ ଆଜି ସେହି ପୂଣ୍ୟସ୍ଥଳୀର ନୀରବ ଅଥର୍ବତା କବି ପ୍ରାଣରେ ଆଘାତ ଦେଇଛି। ଯେଉଁଠି ଆଜି ଦେଶର ଜନତା ଖାଇବାକୁ ଅନ୍ନ ଭିକ୍ଷା କରୁଛି, ବେକାର ବାହିନୀ କର୍ମହୀନ ହୋଇ ବୁଲୁଛନ୍ତି ସେହି ପରିସ୍ଥିତିରେ ଶାନ୍ତିନିକେତନର ନୀରବତା କବିପ୍ରାଣକୁ ବ୍ୟଥିତ କରିଛି। (ଯୁଗଯୁଗାନ୍ତର ଅତ୍ୟାଚାରର ଶୁଝିବା ପାଇଁ କି ଦେ'ଣା/ କ୍ଷୁଧିତ ଯେ ବେଳେ ମାଗଇ ଅନ୍ନ/ ବେକାର ବାହିନୀ ମାଗଇ କର୍ମ / ଦୁନ୍ଦୁଭି ମାଗେ

ଯେବେଳେ ଆଘାତ, ମୁକ୍ତି ମାଗୁଛି ଦେଶ, ସେତେବେଳେ ଏଠି ଦେଖୁଛି ଆସି ମୁଁ ବକଟେ ନିରୀହ ମେଷ। -ଶାନ୍ତିନିକେତନ - ଅଗ୍ନିବେଦ; ପୃ ୪୬) କବିଙ୍କର ନୈରାଶ୍ୟ ଏହି ପଦରୁ ହିନ ବାରିହୋଇଯାଏ। କବି ଯେଉଁ ମହତ ଉଦେଶ୍ୟ ନେଇ ଶାନ୍ତିନିକେତନ ଯାତ୍ରା କରିଥିଲେ ତାହା ପରିପୂରଣ ହୋଇପାରି ନାହିଁ। ଶେଷରେ କବି ମହାକବିଙ୍କ ସ୍ମୃତିପୀଠରୁ ବିଦାୟ ଘେନିଛନ୍ତି। ଏହି ସଂକଳନ ତାଙ୍କ ଅନ୍ୟ ଏକ କବିତା 'ଆସାମ'। ଯେଉଁଥିରେ କବିଙ୍କ ବିଦ୍ରୋହ ଚରମ ସୀମାରେ ପଦାର୍ପଣ କରିଛି। ଆସାମରେ ହୋଇଥିବା 'କଫ୍ୟୁ' ଅବମାନନା କବିଙ୍କ ଏହି କବିତାର ପୃଷ୍ଠଭୂମି। ଯାହା ଏକ ବିରାଟ ଗଣଦୋଳନ ସୃଷ୍ଟି କରିବା ସହ ସମଗ୍ର ଦେଶରେ ଅସ୍ଥିରତା ଆଣିଦେଇଥିଲା। ସିଧାସଳଖ ଭାବେ କବିଙ୍କର ବିଦ୍ରୋହୀ ପ୍ରାଣ ବର୍ଷଣ ମୁଖର ହୋଇଛି କବିତାରେ। ଭାରତକୁ ତୀର୍ଥ ଭାବେ ଅଗ୍ରାହ୍ୟ କରିବାକୁ ମଧ୍ୟ ସେ ପଛାଇ ନାହାନ୍ତି। (କବିଗୁରୁ, ତମ "ଭାରତ ତୀର୍ଥ" କବିତାଟି ସେତେବେଳେ/ ନୂଆ ମନ ନେଇ ପଢେ ମୁହଁ କବି, ହସି ମୋର ପେଟ ଫାଟେ, ... ଯେଉଁ ଭାରତକୁ 'ତୀର୍ଥ ' କହୁଛ ତାହା ଏକ ପାପ ଭାଟି ... - ଆସାମ - ଅଗ୍ନିବେଦ; ପୃ ୬୧) ସମଗ୍ର କବିତାଟି ତାଙ୍କ ବିଦ୍ରୋହ, ଆକ୍ଷେପ ଓ ନୂତନ ସମ୍ଭାବନାର ଆଗମନ ବାଣୀ ଭିତରେ ପରିସମାପ୍ତି ଘଟିଛି। ଯାହା ଏକ ସମୟଖଣ୍ଡର ଯଥାର୍ଥ ଚିତ୍ର ବହନ କରିବାରେ ସମର୍ଥ ମଧ୍ୟ। 'ଇରାନ' କବିତାରେ ମଧ୍ୟ କବିଙ୍କ ବିପ୍ଳବୀ ପ୍ରାଣସତ୍ତାର ପରିଚୟ ସନ୍ନିହିତ। ଇରାନର ଧର୍ମୀୟ ହିଂସାକୁ ଆଧାର କରି ଉକ୍ତ କବିତାର କବି ପ୍ରତିକ୍ରିୟାତ୍ମକ ଅଭିମତ ପୋଷଣ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଇରାକକୁ, ଏମିତି ଉଦ୍ଧତ ଭାବନାକୁ କବି କେବେ ହେଲେ ଗ୍ରହଣ କରିପାରିନାହାନ୍ତି। (ହେ ଇରାନ, ଏହି କି 'ବିପ୍ଳବ' ତବ/ ଏହି କି 'ପ୍ରଗତି'?/ ଯାକୁ ଦେଖି ହସି ଉଠେ / ବୃଦ୍ଧ ଆଉ କ୍ଷତାକ୍ତ ଶତାବ୍ଦୀ। - ଇରାନ - ଅଗ୍ନିବେଦ; ପୃ ୭୩) ବିଶ୍ୱାପ୍ରାଣା କବି ହୃଦୟର ବିନୀତ ଆର୍ତ୍ତି ଏହି କବିତାରେ ସହଜ ଲଭ୍ୟ।

'ନବମ ସ୍ୱର୍ଗ' କବିତା ସଂକଳନରେ 'ଅମର ଇରାକ' କବିତାର ମୂଳ ଭାବ ହେଉଛି ଇରାକର ବୀରମାନଙ୍କୁ ସେମାନଙ୍କ ପ୍ରାପ୍ୟ ଶ୍ରଦ୍ଧା ଓ ସୁମନ ଅର୍ପଣ କରିବା। ସବୁ ପରିସ୍ଥିତିରେ ସାଲିସ ନ କରି ନିଜ ପ୍ରାଣକୁ ବାଜି ଲଗେଇ ନିଜ ଦେଶ ସହ ଠିଆ ହେବାର ଦାୟିକତାକୁ କବି ପ୍ରସଂଶା ନ କରି ରହିପାରିନାହାନ୍ତି। ବିଶ୍ୱର ଡଲାରଶାହୀ ଗୋଷ୍ଠୀର ନାଲିଆଖି ଆଉ ଇହୁଦୀବାଦୀଙ୍କ ଅବରୋଧକୁ ତିଳେମାତ୍ର ଭୃକ୍ଷେପ ନ କରି ନିଜ ଦାୟିତ୍ୱର ସୂଚାରୁ ସମ୍ପାଦନ କରିବାର 'ଯୁ' କୁ କବି ଶତନମନ କରିଛନ୍ତି। (... ଡଲାରଶାହୀର ବିରୋଧେ ବିରୋଧେ/ ଇହୁଦୀବାଦର ଗତି ଅବରୋଧେ/ ତମେ ଯେଉଁମାନେ ମରଣ ଭିତରେ/ ଜୀବନ ପାଇଁ / ବିଗଳିତ - ଶବ - କାନନେ କାନନେ / ଲଢୁଛ - ହାରୁଛ, ପୁଉଣି ଲଢୁଛ/ ବିଜୟ ପାଇଁ/ ସାଲିସ ନାହିଁ। - ଅମର ଇରାକ୍ - ନବମ ସ୍ୱର୍ଗ; ପୃ ୨୪) କବି ଉକ୍ତ କବିତାର ଛତ୍ରେ ଛତ୍ରେ ଇରାକର ସେହି ମହାବୀର ମାନଙ୍କର ବୀର ଗାଥାର ସ୍ମରଣ ଓ ପ୍ରଶଂସାରେ କବି ଶତମୁଖ। (ସାଲାମ ସାଲାମ ତମକୁ ପ୍ରଣାମ/ ଇରାକ ଭୁଇଁ / ତମେ ଧରଣୀର ଶହୀଦ - ଶିବିର/ ମୁକ୍ତିକାମୀ / ମରଣ ଜୟୀ, ... - ଅମର ଇରାକ୍ - ନବମ ସ୍ୱର୍ଗ; ପୃ ୨୫) ଅନୁରୂପ ଭାବ ଧର୍ମୀ ବିଦ୍ରୋହ ଓ କ୍ଷୁବ୍ଧ କବି ପ୍ରାଣର ମର୍ମରିତ ଉଚ୍ଚାରଣ କବିଙ୍କ 'ବାଲିଆପାଳ' କବିତା। ବାଲେଶ୍ୱର ଜିଲ୍ଲାର ଏହି ସୁମନୋରମ ସ୍ଥଳୀରେ କ୍ଷେପଣାସ୍ତ୍ର ଘାଟି ନିର୍ମାଣକୁ ବିରୋଧରେ ପ୍ରବଳ ଜନଦୋଳନକୁ ଉପଜୀବ୍ୟ କରି ଉକ୍ତ କବିତା ରଚିତ। ଏହା ପୂର୍ବରୁ ମଧ୍ୟ କବି ସଚ୍ଚି ରାଉତରାୟଙ୍କ କବିତାରେ ଅନୁରୂପ ଭାବ ଲକ୍ଷ୍ୟକରାଯାଏ। ସବୁଜ ଧାନ କ୍ଷେତ, ମୁକ୍ତ ଆକାଶ, ବିହଙ୍ଗ କୂଜନର ମନୋରମ ଏହି ପ୍ରାନ୍ତରରେ ଅଶାନ୍ତ ବଳୟଟିଏ ନିର୍ମାଣ କରିବାର ଅଭିପ୍ରାୟ ଓ ମାନସିକତାକୁ କବି ତୀବ୍ର ବିରୋଧ କରିଛନ୍ତି। (ମୁକ୍ତ ଧାନର ମଞ୍ଜରୀ ଶିଖା ତମକୁ ଲଗେନା ଭଲ, / ଶସ୍ୟଶ୍ୟାମଳା କ୍ଷେତ, ଜନପଦ,ମୁକ୍ତ ଆକାଶ ତଳ। / ଲାଗେ ନହିଁ ଭଲ ବିହଗ- କୂଜନ ... - ବଳିଆପଳ - ନବମ ସ୍ୱର୍ଗ; ପୃ ୫୬) ଆନ୍ଦୋଳନକାରୀ ମାନଙ୍କ ସହ ସ୍ୱର ମିଳାଇ କବି କବିତାରେ ନିଜର ବିଦ୍ରୋହର ସ୍ୱର ଉତ୍ତୋଳନ କରିଛନ୍ତି। ଯାହା ସେହି ସମୟର ଏକ ଦରଦୀ ଓ ମରମୀ ଚିତ୍ରକୁ ଉପସ୍ଥାପନ କରିଦିଏ।

ସେହିପରି ତାଙ୍କ 'କ୍ରାନ୍ତି କାମୋଦୀ' କବିତା ସଂକଳନରେ 'ଇରମ'କୁ ନେଇ କବିଙ୍କ ଏକ ଦୀର୍ଘ କବିତା ସ୍ଥାନିତ ହୋଇଛି। ରକ୍ତ ତୀର୍ଥ ଭାବେ ସୁପରିଚିତ ଏହି ବୀରମାଟିର ଯଶ ଗାନ କରିବା ସହ ଏହି ମାଟିର ଅତୀତ ଇତିହାସ ଓ ଗୌରବର ରୋମନ୍ଥନ କରିଛନ୍ତି। କବି ନିଜକୁ ଧନ୍ୟ ମନେ କରିଛନ୍ତି ସେ ମାଟିରେ ପଦାର୍ପଣ କରି।(ଧନ୍ୟ ହେଲି ମୁଁ ପୁଣ୍ୟତୋୟା ଗୋ / ରକ୍ତାତୀର୍ଥ ତମରି କୂଳେ, / ଧନ୍ୟ ହେଲା ମୋ ଉନ୍ନତ ଶିର/ ତମରି ପତାକା ଲହରୀ ତଳେ, ...। -ଇରମ - କ୍ରାନ୍ତି କାମୋଦୀ; ୧୫) ଇରମର ମହାନ ଗାଥା ଓ ବଳିଦାନର ଏକ ଜ୍ୱଳନ୍ତ ପରିପ୍ରକାଶ କବିଙ୍କ ଉକ୍ତ କବିତା। ସେହିପରି ଉକ୍ତ ସଂକଳନରେ ସ୍ଥାନିତ 'ଇରାକ' କବିତାରେ ମଧ୍ୟ କବି ଇରାକ ମାଟିର ଜୟଗାନ କରିଛନ୍ତି। ବିଭିନ୍ନ ଐତିହାସିକ ବିଷୟର ଉତ୍ତୋଳନ ଓ ବିଭିନ୍ନ ଘଟଣାର ଛତ୍ରେ ଛତ୍ରେ କବି ଇରାକର ପ୍ରଶଂସା ଓ ମହାନତାକୁ ନିଜ କବିତାର ଭାବବାସ୍ତୁ ଭାବେ ଗ୍ରହଣ କରିଛନ୍ତି। ବାରମ୍ବାର କବିପ୍ରାଣ ସେ ମାଟିକୁ ସାଲାମ କରିଛି। ସଲାମ୍, ସଲାମ୍ ଆଗୋ ବାଗ୍ ବାଦ୍ ପ୍ରଣାମ ପ୍ରଣାମ ଇରାକ୍ ମାଟି। - ଇରାକ୍ - କ୍ରାନ୍ତି କାମୋଦୀ; ୧୫୬)

କବି ରାମାକାନ୍ତ ରଥ(୧୯୩୪)ଙ୍କ 'ସଚିତ୍ର ଅନ୍ଧାର' ସଂକଳନରେ ସ୍ଥାନିତ 'ଓଡ଼ିଶା' ଶୀର୍ଷକ କବିତାରେ କବିଙ୍କ ମାଟି ପ୍ରତି ମମତ୍ୱବୋଧର ଚିତ୍ର ନିହିତ। ଉତ୍କଳର ପ୍ରକୃତି ସହ ଭୌଗୋଳିକ ଗଠନକୁ ଅଧରକାରୀ କବି ଉକ୍ତ କବିତାରେ ଓଡ଼ିଶାର ସୌନ୍ଦର୍ଯ୍ୟ ଓ ଆତ୍ମା ଭାବୋଚ୍ଛ୍ୱାସ ହୋଇଛି ମୂଳ ପିଣ୍ଡ। ଚମତ୍କାର ଚିତ୍ରକଳ୍ପର ପ୍ରୟୋଗ ଓ ପ୍ରତୀକାତ୍ମକ ଅଭିବ୍ୟକ୍ତି କବିତାକୁ ଉଚ୍ଚକୋଟୀର କରି ଗଢିତୋଳିଛି। ଦୁଃଖୀନୀ ଉତ୍କଳ ଜନନୀ ସଦା ପ୍ରକୃତିକ ବିପର୍ଯ୍ୟୟରେ ପ୍ରପୀଡ଼ିତା, ତଥାପି ସେ ସବୁଠାର ନିଜକୁ ସଳାଖି ଠିଆ ହୋଇଛି। ଯେତେ ଅନ୍ଧକାର ଆସିଲେ ମଧ୍ୟ ଦୀପର ଜ୍ୟୋସ୍ନାଲୋକେ ନିକକୁ ପୁଣି ଖୋଜି ପାଇଛି। କେବେ ହସିପାରି ନ ଥିବା ସେ ମୁହଁ କେତେବେଳେ କବିଙ୍କୁ ତୋଫା ଜହ୍ନ ଆଲୁଅରେ ସ୍ପଷ୍ଟ ଦେଖାଯାଉଥିବା ପର୍ବତ ପରି ତ ପୁଣି କେବେ ଦଳେ ଯାଯାବର ଜାଳିଥିବା ସନ୍ଧ୍ୟା ନିଆଁ ପରି ମନେହୋଇଛି। ପୁଣି କେବେ ଅନ୍ଧାର ଭିତରେ ବି ଖୁବ ଉଜ୍ଜଳ ଦେଖାଇଛି। (ସେ ମୁହଁ ହସେନି ଆଉ ସେ ମୁହଁ ଦିଶୁଛି/ ଯେପରି ପର୍ବତ ସ୍ପଷ୍ଟ ଦିଶେ ତୋଫା ଜହ୍ନ ଆଲୁଅରେ / ଦଳେ ଯାଯାବର ଲୋକ ସନ୍ଧ୍ୟା ବେଳେ ଜାଳିଥିବା ନିଆଁ / ପରି ସେ ଉଜ୍ଜଳ ଦିଶେ ଅନ୍ଧାର ଭିତରେ ...। - ଓଡ଼ିଶା - ସଚିତ୍ର ଅନ୍ଧାର; ପୃ ୧୨) କବିଙ୍କର ଓଡ଼ିଶା ମାଟି ସହ ଆନ୍ତରିକତା ବର ହୋଇପଡେ ଉକ୍ତ କବିତାରେ। ଏକ ଆବେଗମୟ ମଗ୍ନୟତାରେ କବିତା ହୋଇଛି ଗତିଶୀଳ। ଅନେକ ସମୟରେ ଓଡ଼ିଶାଠୁ ଦୂରରେ ରହିବା ସତ୍ତ୍ୱେ କବିଙ୍କ ଓଡ଼ିଶା ମାଟି ପ୍ରତି ଥିବା ତାଙ୍କ ଆନ୍ତରିକତାକୁ ଉଜ୍ଜୀବିତ କରିଦିଏ ଏ କବିତା।

ସେହି ପରି 'କେତେଦିନର' ସଂକଳନ ମଧ୍ୟରେ ସଂକଳିତ କବିଙ୍କ 'ଦିଲ୍ଲୀ (ରାତି) କବିତାରେ ମଧ୍ୟ ଗଭୀର ଦାର୍ଶନିକତାର ପରିପ୍ରକାଶ ଲକ୍ଷ୍ଯ କରାଯାଇପାରେ। ବିଭିନ୍ନ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗରେ ଯଦିଓ କବିତା ହୋଇଛି ଭାରାକ୍ରାନ୍ତ, ତଥାପି କବିତା ମଧ୍ୟରେ ନଗରୀ ସଭ୍ୟତାର ମୋହ ଓ ଭୟ ଉଭୟ ହୋଇଛି ଏକାକାର। କିନ୍ତୁ କବିତା ମଧ୍ୟରେ କୌଣସି ସ୍ଥାନରେ କବି ଦିଲ୍ଲୀର ଉଲ୍ଲେଖ କରି ନଥିଲେ ମଧ୍ୟ ପ୍ରତୀକାତ୍ମକ ଭାବେ କବିଙ୍କର ଉପସ୍ଥାପନା ସ୍ୱତଃ ଅନୁମେୟ।

କବି ଶରତ ଚନ୍ଦ୍ର ପ୍ରଧାନ(୧୯୩୪)ଙ୍କ 'ନଈ ଆଉ ମାଛ ହଂସ ଓ ସାରସ' କବିତା ସଙ୍କଳନରେ ସ୍ଥାନିତ 'ପୁରୀରେ ସକଳ' କବିତାରେ ଲୋକ ଉପାଦାନକୁ କେନ୍ଦ୍ରକରି କବି ଏକ ସୁନ୍ଦର ପ୍ରତୀକାତ୍ମକ ଅବଧାରଣା ପ୍ରଦାନ କରିଛନ୍ତି। ପୁରୀ ସହରର ଚିତ୍ର ଓ ଚରିତ୍ରକୁ ଏକ ଅଭିନବ ଶୈଳୀରେ ତାଙ୍କ ଉପସ୍ଥାପନା କବିତାର ଭାବ ରାଜ୍ୟକୁ ଆହୁରି ବ୍ୟାପକ କରିଛି। ଆତଙ୍କିତ ଓ ଭୟର କୁହେଳିକା ମଣିଷକୁ ଅସ୍ଥିର କରିଦିଏ। କବିଙ୍କ ଶେଷ ପଦରେ ସେ ଯାହା ଉଲ୍ଲେଖ କରିଛନ୍ତି ତାହା ତାଙ୍କ ଜୀବନର ଅନ୍ତିମ ଅବଲମ୍ବନ। (ମୁଁ କାନ୍ଦୁଛି ନୀଳ ଚକ୍ରେ /ଚାହିଁ ବାର ବାର / ହେ ଭୂଷଣ୍ଡ, ହେ ବୟସ / ହେ ପ୍ରିୟ ଦୋସର। - ପୁରୀରେ ସକଳ - ନଈ ଆଉ ମାଛ ହଂସ ଓ ସାରସ; ପୃ ୧୭)

ତାଙ୍କ 'ଅଂଶୁପା' କବିତାରେ ମଧ୍ୟ ପ୍ରକୃତିର ସୌନ୍ଦର୍ଯ୍ୟ ଫୁଟିଉଠିଥିବା ସହ କବିଙ୍କର ଜୀବନ ଦର୍ଶନର ନିଚ୍ଛକ ପରିପ୍ରକାଶ ଲକ୍ଷ୍ୟ କରାଯାଇପାରେ। ଯେଉଁଠି ସଦୟ ଅସ୍ତ ଓ ଉଦୟ ଲାଗିରହିଥାଏ। (ଏ ଜୀବନ/ ହ୍ରଦ ନା ଆକାଶ/ ଦର୍ପଣର ପ୍ରତିବିମ୍ବ। / ମୋ ପୃଥ୍ବୀର ଅସ୍ତ ଉଦୟର/ ଦରଲିଭା/ ଦରଭୁଲା/ ଆଉ / ମୁଗ୍ଧ ଇତିହାସ। - ଅଂଶୁପା - ନଈ ଆଉ ମାଛ ହଂସ ଓ ସାରସ; ପୃ ୪୯) 'ଚିଲିକା କବିତା ମଧ୍ୟ ସମଧର୍ମୀ। ଗୋଟିଏ ପଟେ କବିଙ୍କ ପ୍ରକୃତିପ୍ରାଣତା ଓ ଅନ୍ୟ ପକ୍ଷରେ ତା'କୁ ଆଧାର କରି ଗଭୀର ଜୀବନ ଦର୍ଶନର ମିଶ୍ରରାଗ। କବିବର ରାଧାନାଥଙ୍କ ଚିଲିକା ଓ ବର୍ତ୍ତମାନର ଚିଲିକା ମଧ୍ୟରେ ଆଜି ଅନେକ ଫରକ୍। କଳ୍ପନା ଓ ଐତିହାସିକ ଘଟନା-ଚରିତ୍ର କବିଙ୍କ ଏହି କବିତାରେ ନୂଆ ଢଙ୍ଗରେ ପରିପ୍ରକାଶ କରେଇଛନ୍ତି। (ଏ ଦେହ ଘୋଷଯାତ୍ରା/ ଯଦି ପାରିକୁଦ ?/ଏ ଦେହର ମହାଯାତ୍ରା ଯଦି କୁଦ ପାରେ। - ଚିଲିକା - ନଈ ଆଉ ମାଛ ହଂସ ଓ ସାରସ; ପୃ ୫୧)

ଅନୁରୂପ ଭାବେ କବିଙ୍କ 'କଟକ ସହର' କବିତାରେ ମଧ୍ୟ ବ୍ୟଞ୍ଜନାତ୍ମକ ପରିପ୍ରକାଶ ଘଟିଛି। ଗାଁ ଓ ସହର ମଧ୍ୟରେ ଜୀବନର ଚିତ୍ରାଙ୍କନ ସହ କଟକ ସହରର ବିଭିନ୍ନ ସ୍ଥାନର ପ୍ରତୀକାତ୍ମକ ପ୍ରୟୋଗ କବି କରିଥିବାର ଲକ୍ଷ୍ୟ କରାଯାଏ। (ହେ କଟକ ବର୍ଣ୍ଣାଭରା / ତୁମରି ଛଟକ / ଆଖିର ବିଜୁଳି ଏବଂ / ହସର ଚମ୍ପକ। - କଟକ ସହର - ନଈ ଆଉ ମାଛ ହଂସ ଓ ସାରସ; ପୃ ୧୦୯) କବିଙ୍କୁ କେତେବେଳେ କଟକ ସହର ଦ୍ରୌପଦୀର ଶାଢୀ ପରି ଲକ୍ଷେ ପରସ୍ତର ହୋଇଛି ତ କେବେ ପୁଣି ଖଣ୍ଡ ଖଣ୍ଡ ଧଳା ମେଘ ପରି ନଚେତ ହିମାବୃତ୍ତ ପଉଷ ରାତିପରି। କବିତା ଭିତରେ କବିଙ୍କ କଟକ ପ୍ରତି ଥିବା ମୋହ ସ୍ପଷ୍ଟ ଅନୁମେୟ।

କବି ଜଗନ୍ନାଥ ପ୍ରସାଦ ଦାସଙ୍କ 'ଆହ୍ନିକ' କବିତା ଗ୍ରନ୍ଥର ଭୁବନେଶ୍ୱର କବିତାରେ ମଧ୍ୟ ଚିରାଚରିତ ନଗରୀ ସଭ୍ୟତାର ଦହଗଞ୍ଜ ଓ ଜୀବନର ଯାନ୍ତ୍ରିକ ଦୁଃସ୍ଥିତିର ଚିତ୍ର ବର୍ଣ୍ଣିତ। ଭୁବନେଶ୍ୱରର ସହରୀ ଥାଟ ଓ ଏଠାରେ ଯନ୍ତ୍ରବତ୍ ବଞ୍ଚୁଥିବା ମଣିଷ ଭିତରେ ମୂଲ୍ୟବୋଧ ଓ ନୈତିକତାର ଅଭାବର ଚିତ୍ର କବିତାରେ ସୁସ୍ପଷ୍ଟ। ଆବେଗ ଓ ଉଦବେଗ୍ ବିହୀନ ସହରୀ ସକାଳର ଆରମ୍ଭ ହୁଏ ବିଲୁଆ ରଡ଼ିରୁ, ସାଇକେଲ ଘଣ୍ଟି ଓ ମାଛ ଦୋକାନର ଭିଡ଼ରୁ। ପୁଣି ଖୋଲାହୁଏ ଅଫିସ ଦପ୍ତର ରୀତିମତ ମନ୍ଦିର ଓ ଆଳତିର ଧ୍ୱନି ସହିତ। (କୌଣସି ଆବେଗ ନ ଥାଏ / କୌଣସି ଉଦବେଗ୍ ନଥାଏ/ ଇତିହାସ ପଛରୁ ସୂର୍ଯ୍ୟ ଉଠେ / ସଂପୂର୍ଣ୍ଣ ଉତ୍ତେଜନାବିହୀନ / ... ବିଲୁଆ ଭୁକୁଥାଏ / ରାଜଧାନୀର ସକାଳ ହୁଏ / ସାଇକେଲ ଘଣ୍ଟି ଓ ମାଛ ଦୋକାନର ଭିଡରେ ...। - ଭୁବନେଶ୍ୱର - ଆହ୍ନିକ; ପୃ ୧୧) ସହରରେ ସତେକି ଆବେଗର କୌଣସି ସ୍ଥାନ ନାହିଁ, କଂକ୍ରିଟ ରାଜପଥ ଜାଣେ ନା ସମ୍ପର୍କର ମୂଲ୍ୟ। ଏକ ନୀରସ ଜୀବନ ଚର୍ଯ୍ୟା ଭିତରେ ଆପଣାର ଶୂନ୍ୟତା ଓ ଏକେଲାପଣରେ ନିଜେ ହିଁ ନିଜ ପାଇଁ ପୁରୁଣା ହେବାକୁ ହୁଏ। ଜୀବନର ସବୁ ଅବସାଦ ମୁଣ୍ଡେଇ ତଥାପି କବିପ୍ରାଣ ଏମାଟିର ଇତିହାସ, ଯୋଦ୍ଧାମାନଙ୍କ ଆଶ୍ରୟସ୍ଥଳୀ ଭାବେ ମ୍ୟୁଜିୟମ୍ ର ଅଳିଆ ଗଦା, ପୁଣି ସିନେମା ପୋଷ୍ଟର ତଳେ ଗାଈ ପାକୁଳିର ଦୃଶ୍ୟ ଭିତରେ ଏ ସହରକୁ ପରଖନ୍ତି।(... ଯୋଦ୍ଧାମାନେ ଯାଇ ଆଶ୍ରୟ ନିଅନ୍ତି / ମ୍ୟୁଜିୟମ୍ ର ଅଳିଆଗଦା ଭିତରେ / ... ସିନେମା ପୋଷ୍ଟର ତଳେ / ଗାଈ ଶୋଇ ରହି ପାକୁଳି କରେ ... - ଭୁବନେଶ୍ୱର - ଆହ୍ନିକ; ପୃ ୧୨) ସହରୀ ସଭ୍ୟତାରେ ଜୀବନର ଅବକ୍ଷୟ ଓ ସାମାଜିକ ମୂଲ୍ୟବୋଧର ହ୍ରାସ କବିଙ୍କୁ ବିଶେଷ ଭାବେ ନୈରାଶ୍ୟ ନିପୀଡୀତ କରିଛି। ଏକ ସହରୀ ନିର୍ଜୀବ ଅବେଗଶୂନ୍ୟ ଜୀବନ ଚର୍ଯ୍ୟାର ଚିତ୍ର ଭିତରେ କବି ଏ ମାଟିର ଇତିହାସ ଓ ଅତୀତ ଗୌରବର ରୋମନ୍ଥନ କରିଛନ୍ତି ଏ କବିତାରେ।

କବିଙ୍କ 'ପୁରୀ' କବିତାରେ ମଧ୍ୟ ଅନୁରୂପ ଭାବ ଲକ୍ଷ୍ୟ କରାଯାଇପାରେ। ଅଦିଆ ଜାତି ଓ ମାଟିର ଆରାଧ୍ୟ ଶ୍ରୀ ଜଗନ୍ନାଥ କ୍ଷେତ୍ର ଭାବେ ସମଗ୍ର ବିଶ୍ୱରେ ପରିଚିତ ଏହି ମାଟିର ଅନୁ ଅଣୁରେ ଏକ କାହାଣୀ ଓ କିମ୍ବଦନ୍ତୀ ଲୁଚି ରହିଛି। କବି ମଧ୍ୟ ଅନୁରୂପ କିମ୍ବଦନ୍ତୀକୁ ନିଜ କବିତାରେ ଉଜ୍ଜୀବିତ କରିବା ସହ ଭକ୍ତ ପ୍ରାଣର ଅବେଗକୁ କବିତାରେ ନୂଆ ରୂପରେ ବିକଟ କରିବାର ପ୍ରୟାସ କରିଛନ୍ତି। ଏହା ବ୍ୟତିତ ପୁରୀ କ୍ଷେତ୍ରର ବାସ୍ତବ ଚିତ୍ର ମଧ୍ୟ କବିଙ୍କ ଦୃଷ୍ଟିରୁ ବାଦ ଯାଇନାହିଁ। (ଖରାରେ ତରଳିଯାଏ / ଭଜନର ଭଗ୍ନାବଶେଷ / ଜଳନ୍ତା ବାଲିରେ ଚକ୍ ଚକ୍ କରୁଥାଏ / ଭିଖାରିର ଅଚଳନ୍ତି ପଇସା ସବୁ... - ପୁରୀ - ଆହ୍ନିକ; ପୃ ୧୯) ଗଭୀର ଆତ୍ମଦର୍ଶନ ଓ ପ୍ରତୀକାତ୍ମକ ଭାବବିନ୍ୟାସ ହିଁ କବିତାକୁ କରିଛି ସ୍ୱତନ୍ତ୍ର।

'କଟକ' କବିତାରେ କବି ଅନୁରୂପ ଭାବ ପୋଷଣ କରିଛନ୍ତି କିନ୍ତୁ ଭୁବନେଶ୍ୱର କବିତାର ଅସ୍ଥିରତା ଏଠାରେ ନାହିଁ। କବିଙ୍କ ଦୃଷ୍ଟିରେ କଟକ ହୋଇଉଠିଛି ତାଙ୍କ ଅତୀତ ସ୍ମୃତି ସବୁର ପେଣ୍ଠସ୍ଥଳ। ଯହିଁରେ କବିଙ୍କ ମନେ ପଡିଛି ତାଙ୍କ ନୋଟ ଖାତାର ପ୍ରେମ କବିତା, ପକେଟ ଭର୍ତ୍ତି ବସନ୍ତ ପବନ ଓ ହାତ ମୁଠାରେ ଡାହାଣୀ ଖରକୁ ଆବଦ୍ଧ କରିବାର ସମସ୍ତ ମୁହୂର୍ତ୍ତ। (ସବୁ ମନେପଡେ ଏଠାକୁ ଆସିଲେ/ ସବୁ କିଛି ମନେପଡେ / ନୋଟ ଖାତାରେ ପ୍ରେମ କବିତା/ଲେଖୁଥିବାର ଅଳସ ଦିନମାନ/ ପକେଟ ଭର୍ତ୍ତି ବସନ୍ତ ପବନ/ ଓ ଆକାଶକୁ ଚାହିଁ ହଜିଯିବା ବେଳେ... - କଟକ - ଆହ୍ନିକ; ୨୬) ପୁଣି ସବୁ ଚିହ୍ନା ମୁହଁ କବିଙ୍କ ଆଖି ସାମ୍ନାରେ ଭାସି ଆସିଛି, ନଈ କୂଳର ବେଞ୍ଚରେ ବସିବା, ବାଲିଯାତ୍ରା, ସିନେମାହଲ, ରିକ୍ସା, ରାସ୍ତାକୁ ବନ୍ଧ ରଖୁଥିବା ଯାନବାହାନ, ଚଣ୍ଡୀ ମନ୍ଦିର ପୂଜା, କଲେଜ ଛକ ଚା' ସବୁ କିଛି ଯେମିତି କବିଙ୍କୁ ଏକ ସାଙ୍ଗରେ ଟାଣି ନିଅନ୍ତି ସ୍ମୃତିର ଗଭୀର ନଈକୁ। ବଦଳୁଥିବା ଇତିହାସ ଓ ସମୟ ଭିତରେ କଟକକୁ ନେଇ କବିଙ୍କ ଏ ଆବେଗ ଚିର ସବୁଜ।

'କଳାହାଣ୍ଡି' କବିତା ଭିତରେ ଆବେଗ ଛଳଛଳ କବିଙ୍କ ହୃଦୟର ପରିଚୟ ସନ୍ନିହିତ। ଏକ ଅନୁନ୍ନତ ଜିଲ୍ଲା ଭାବେ କଳାହାଣ୍ଡିର ବାସ୍ତବ ଛବି କବିଙ୍କୁ ପ୍ରଭାବିତ କରିଛି। ତାଙ୍କ କର୍ମମୟ ଜୀବନରେ କଳାହାଣ୍ଡିରେ ବିତେଇଥିବା ସେହି ସମୟମାନଙ୍କର ଅନୁଭବ କବିଙ୍କ କବିତାରେ ଶବ୍ଦର ରୂପ ଲାଭ କରିଛି। କାଗଜ କଲମରେ ଉନ୍ନତିର ଡିଙ୍ଗୁରା ପିଟୁଥିବା ମଣିଷମାନଙ୍କୁ କବି ସୁଚେଇ ଦେବାକୁ ଚାହିଁଛନ୍ତି କଳାହାଣ୍ଡିର ପ୍ରକୃତ ଅବସ୍ଥା। (ମାନଚିତ୍ରକୁ ଏଥର ଅଲଗା ରଖିଦିଅ / ସେଠାକୁ ଯିବାପାଇଁ ଆଉ / ହେଲିକପ୍ଟର ପ୍ରୟୋଜନ ନାହିଁ / ଯେଉଁଠାରେ ଅନାହାର ସେଠାରେ ହିଁ କଳାହାଣ୍ଡି। - କଳାହାଣ୍ଡି - ଆହ୍ନିକ; ୬୧) ମରୁଡିର ବାରମ୍ବାର ସଙ୍ଘାତ ସେମାଟିର ମଣିଷମାନଙ୍କର ରକ୍ତ ଶୋଷି ସେମାନଙ୍କୁ କଙ୍କାଳ କରିସାରିଛି, ସବୁ ଯୋଜନା ଏଠି ବିଫଳ ହୋଇଛି। ଅଛି ଯଦି ଅଛି ସେତକ ହେଉଛି  କେତୋଟି ପଞ୍ଜରା ହାଡରେ କୋଟରଗତ ଆଖି, ଦେହ ଲୁଚୁନଥିବା ଛିଣ୍ଡା କନା, ବନ୍ଧା ପଡିଥିବା କଂସା ବାସନ, କୁଡିଆ ଘର ଆଉ ମାଟି ହାଣ୍ଡିର ଅବଶେଷ। ବାସ ସେତକ ହିଁ କଳାହାଣ୍ଡି। କବିଙ୍କ ପ୍ରାଣସତ୍ତା ବିଦ୍ରୋହ କରିବାକୁ ପଛେଇ ନାହିଁ। ସ୍ୱାଧୀନତାର ଏତେ ବର୍ଷ ଅତିକ୍ରାନ୍ତ ପରେ ମଧ୍ୟ ସେମାନେ ସାଧାରଣ ଅଧିକାରରୁ ବଞ୍ଚିତ। ତଥାପି କମ୍ପ୍ୟୁଟର କାଗଜରେ ଅତିରଞ୍ଜିତ କାଗଜରେ ପୁଣି ସମ୍ମିଳନୀର ପ୍ରସ୍ତାବରେ ପ୍ରବଞ୍ଚନା ଓ ମିଛ ସହାନୁଭୂତି ହିଁ ସେମାନଙ୍କର ଭାଗ୍ୟରେ ଜୁଟିଛି। ସାମଗ୍ରିକ କବିତାରେ କଳାହାଣ୍ଡିର ବାସ୍ତବ ଦୟନୀୟତା ହିଁ ପ୍ରକଟିତ।

ସେହିପରି 'ବାଲିଆପାଳ' କବିତା କବିଙ୍କ ଏକ ଭାବମୟ ନିର୍ଦ୍ଦେଶଧର୍ମୀ କବିତା। ବାଲିଆପାଳ ଉପରେ ଘନେଇଥିବା ଶଙ୍କଟ ଓ ସେଠାକାର ମଣିଷ ପରିବେଶ ପ୍ରତି  ନିର୍ମମତାକୁ କବି ବିରୋଧ କରିଛନ୍ତି। କ୍ଷେପଣାସ୍ତ୍ରଘାଟି ନିର୍ମାଣର ପ୍ରସ୍ତବାକୁ ବିରୋଧ କରି ସଂଗ୍ରାମ ପାଇଁ ଓହ୍ଲେଇ ଥିବା ମଣିଷମାନଙ୍କ ସହ ସ୍ୱର ଉତ୍ତୋଳନ କରିଛନ୍ତି କବି। ବାଲିଆପାଳର ପ୍ରକୃତ ଗୁରୁତ୍ୱ ଓ ମହତ୍ତ୍ୱକୁ କବି କବିତାର ଛତ୍ରେ ଛତ୍ରେ ଗ୍ରହଣ କରି ଚେତେଇ ଦେଇଛନ୍ତି ଏଠାରେ କୌଣସି ହିଂସାର ପ୍ରଯୋଗଶାଳା ନ ହେଉ। (ବାଲିଆପାଳ ସତ୍ୟର ପରୀକ୍ଷାଗାର / ଲୋକମତର ଘାଟି ନ୍ୟାୟର କଷଟି / ଅହିଂସାର ପ୍ରଯୋଗଶାଳା... - ବାଲିଆପାଳ - ଆହ୍ନିକ; ୬୯) ଏକ ବିଶ୍ୱାପ୍ରାଣା କବି ହୃଦୟର ଚିତ୍ର ଏ କବିତାରେ ଅନୁମାନ କରାଯାଇପାରେ।

କବିଙ୍କ 'ଶ୍ରେଷ୍ଠ କବିତା' ସଂକଳନରେ ସ୍ଥାନିତ କବିତା 'କୋଣାର୍କ'ରେ ଉଭୟ ଶ୍ଳେଷ ଓ ଗଭୀର କାରୁଣ୍ୟର ଚିତ୍ର ରହିଚି। କୋଣାର୍କର ପରିବେଶ ତାଙ୍କୁ ବ୍ୟଥିତ କରିଛି। କାରଣ ଅର୍କକ୍ଷେତ୍ର କୋଣାର୍କରେ ପର୍ଯ୍ୟଟକମାନେ ସମ୍ରାଟ ଭଳି ଆଚରଣ ଦେଖାଇଥା'ନ୍ତି। କେତେକ ତଥାକଥିତ ସ୍ୱଳ୍ପଶିକ୍ଷିତ ଗାଇଡ୍ ଏଠାରେ ଯେପରି ଜଣେ ଜଣେ ଐତିହାସିକ। ପ୍ରତ୍ନତାତ୍ତ୍ୱିକ ବ୍ୟକ୍ତିଗଣ ଏଠାରେ ଶିଳ୍ପୀ-ସ୍ଥପତିଙ୍କ ଭଳି କଥାବାର୍ତ୍ତା କରନ୍ତି। ସେମାନଙ୍କ ଭିତରେ ନା ଆଲୋଚନା ନା ପର୍ଯ୍ୟାଲୋଚନା, କଛି ନ ଥାଏ। ତଥ୍ୟାନୁସନ୍ଧାନ ମଧ୍ୟ ନ ଥାଏ। ସବୁ ସୂକ୍ଷ୍ମକାରିଗରୀ ପଥରର ଶିଳ୍ପକଳା ପର୍ଯ୍ୟଟକମାନଙ୍କର କ୍ୟାମେରାଗୁଡ଼ିକରେ ବନ୍ଦୀ। ରାସ୍ତାକଡ଼ରେ ଦୋକାନଗୁଡ଼ିକରେ ଐତିହ୍ୟର କ୍ୟାଲେଣ୍ଡରଗୁଡ଼ାକ ଝୁଲାହୋଇଥାଆନ୍ତି। କୋଣାର୍କର ପୋଷ୍ଟକାର୍ଡ଼ଗୁଡ଼ାକରେ ମୁଦ୍ରିତ ଚିତ୍ର ଖାଲି ବିକ୍ରିବଟା ହେଉଥାଏ ଏବଂ ପିକ୍‌ନିକ୍ କରୁଥିବା ଦର୍ଶକମାନଙ୍କ ଦ୍ୱାରା ସୃଷ୍ଟ ବାଲିମିଶା ଆବର୍ଜନାରେ ଆମ ପରମ୍ପରା ପୋତି ହୋଇପଡ଼େ।(ପୋଷ୍ଟକାର୍ଡରେ ବିକ୍ରିହୁଏ ଚାରୁକଳା/ ଐତିହ୍ୟ ଝୁଲୁଥାଏ ରାସ୍ତା ପାଖ ଦୋକାନରେ / ପରମ୍ପରା ପୋତି ହୋଇ ଯାଏ / ପିକନିକ୍ ର ବାଲି ମିଶା ଆବର୍ଜନାରେ। - କୋଣାର୍କ - ଶ୍ରେଷ୍ଠ କବିତା; ପୃ ୮୯) କବି ଜଗନ୍ନାଥ ପ୍ରସାଦ ଦାସଙ୍କ ମତରେ କୋଣାର୍କର କ୍ଷୟ ମୂଳରେ ସମୁଦ୍ରରୁ ପ୍ରବାହିତ ଲୁଣାପବନ ହିଁ ଦାୟୀ। ଏ ଲୁଣାପବନର ପ୍ରଭାବରେ ଏ ବିରାଟ ସ୍ଥାପତ୍ୟ ଭଗ୍ନ, ଖଣ୍ଡିତ ଓ ଭୂମିଶାୟୀ। ସତେ ଅବା କିମ୍ବଦନ୍ତୀର ଶାମ୍ବ ଯିଏ ଅପମାନଗ୍ରସ୍ତ ଗୁରୁଜନମାନଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗାକ୍ରାନ୍ତ ହୋଇଥିଲେ ଏହି କୋଣାର୍କ ତୀର୍ଥରେ ସୂର୍ଯ୍ୟପୂଜା କରି ଆରୋଗ୍ୟ ମଧ୍ୟ ଲାଭ କରିଥିଲେ ବୋଲି ମହାଭାରତରେ ବର୍ଣ୍ଣନା କରାଯାଇଛି। କୋଣାର୍କ ମନ୍ଦିର ଗାତ୍ରରେ ଥିବା ଭଗ୍ନ ମୂର୍ତ୍ତିସବୁ କବି ଦୃଷ୍ଟିରେ ଯେପରିକି ଶାମ୍ବଙ୍କର ରୋଗାକ୍ରାନ୍ତ ଶରୀରର ବିଭିନ୍ନ ଅବୟବ ରୁଗ୍ଣ ଅବସ୍ଥାରେ ଲାଞ୍ଛରହିଛି ଓ କେତେକ ଅବୟବ ଖସିପଡ଼ିଛି। ତାଙ୍କ କବିତାରେ ଅଛି କେଉଁଠାରେ ବାରଶହ ଶିଳ୍ପୀଙ୍କର ଅସହିଷ୍ଣୁ ଈର୍ଷକ ଦାବି ଓ ଅଧିକାରକୁ ସାବ୍ୟସ୍ତ କରୁଥିବା ନିଜ ଅଧିକାର ଦାୟରେ ପଡ଼ି ଅଗତ୍ୟା ନିରୁପାୟ ବିବେକୀ ଧର୍ମପଦ କୋଣାର୍କର ଶିଖର ଉପରୁ ସମୁଦ୍ର ଗର୍ଭକୁ ଲମ୍ଫ ପ୍ରଦାନ କରି ଆତ୍ମହୂତି ଦେଇଛି। କବିଙ୍କ ଦୃଷ୍ଟି ପଡ଼ିଚି ପାନ୍ଥଶାଳାରେ ଅସହିଷ୍ଣୁ ଦର୍ଶକମାନଙ୍କର କଳାପାହାଡ଼ ସୁଲଭ ଭଙ୍ଗପ୍ରବଣ ଆଚରଣ। କିମ୍ବଦନ୍ତୀର ଅନନ୍ତ ମହାସାଗରରେ ଅତୀତରୁ ଆଜିଯାଏ ଯାତ୍ରା କରୁଥିବା ଜାହାଜଗୁଡ଼ିକୁ ସତେ ଅବା କୋଣାର୍କର ବିଲୟ ପାଇଁ କିଏ ଦାୟୀ ଉତ୍ତର ଦେବାକୁ ଡକରାପଡ଼େ। କିନ୍ତୁ ଧୂ ଧୂ ବାଲିରେ ଏହାର ଜବାବ ନ ଥାଏ। ସମସ୍ତେ ନିରୁତ୍ତର। ଝାଉଁଗଛରୁ ନିରବଧି ବିଦୁପର ହାସ୍ୟରୋଳ ଶୁଭୁଥାଏ। କବିଙ୍କର କୋଣାର୍କ ପ୍ରତି ଦୃଷ୍ଟିକୋଣ ବେଶ୍ ଗଭୀର ଓ ସଂବେଦନଶୀଳ। କବିଙ୍କ ଆଖିରେ ଧରାପଡ଼ିଛି କିପରି କୋଣାର୍କରେ ଗହଳିଚହଳି ଶେଷ ହେଲାପରେ ସେଠାକୁ ଦୂରଦୂରାନ୍ତରୁ ଯାଇଥିବା ପରିବ୍ରାଜକମାନଙ୍କର ବସ୍ ସବୁ ମୂଳ ଗନ୍ତବ୍ୟସ୍ଥଳକୁ ଫେରି ଆସିଲା ପରେ କେବଳ ନିର୍ଜନ ରାତିରେ କୋଣାର୍କର ଉତ୍ତୁଙ୍ଗ କଳାର କୃଷ୍ଣକାୟ ଭବ୍ୟତା, ଆକାଶକୁ ସ୍ପର୍ଶିତ ଉଚ୍ଚତାରେ ପୁଣି ଉତ୍ତୋଳିତ ହେଉଥାଏ–ପରବର୍ତ୍ତୀ ତୁଚ୍ଛ ସକାଳ ହେଲାଯାଏ। ନିର୍ଜନ କବି ଜଗନ୍ନାଥ ଦାସଙ୍କର କଳ୍ପନାରେ ରହସ୍ୟମୟ ଅଧିଭୌତିକତାପୂର୍ଣ୍ଣ ବ୍ୟଞ୍ଜନାସବୁ ରହିଛି। ତାଙ୍କର କବିତା ଦିଗନ୍ତର ଭୂମି ଉପରୁ ଦୈବୀଶକ୍ତିର ମହା ଆଶୀର୍ବାଦ ଯାଏ ପରିବ୍ୟାପ୍ତ। (କବିତା କୋଣାର୍କ (ସଂ); ପୃ ୪୭)

ତାଙ୍କ ସ୍ମୃତିର ସହର କବିତା ଗ୍ରନ୍ଥର 'ଖଣ୍ଡଗିରି' କବିତାରେ ଇତିହାସର ମୂଲ୍ୟାଙ୍କନ ଓ ଅନ୍ୱେଷଣର ଚିତ୍ର ନିହିତ। କବି ସ୍ମରଣ କରିଛନ୍ତି ଖଣ୍ଡଗିରୀର ଅତୀତ ଇତିହାସ, ଖୋଜିଛନ୍ତି ସମ୍ରାଟଙ୍କୁ, ସେନାବାହିନୀଙ୍କୁ; ପୁଣି ଅନ୍ତଃପୁର ରଙ୍ଗମଞ୍ଚ ଓ ସିଂହାସନ। ସବୁକିଛି ଆଜି କେବଳ ଇତିହାସର ଏକ ଏକ ପୃଷ୍ଠା। କବିଙ୍କ ଭାବନାରେ ସ୍ୱତଃ ସେସବୁ ରେଖା ଅଙ୍କନ କରନ୍ତି, କବି ବିବ୍ରତ ଭାବେ ଖଣ୍ଡଗିରୀର ପ୍ରତି ପ୍ରାନ୍ତରେ ଗୁରିବୁଲନ୍ତି। କିନ୍ତୁ ସେ ନୂପୁର ସ୍ୱର କାହିଁ, ସାମ୍ରାଜ୍ୟର ଚିହ୍ନବର୍ଣ୍ଣ କାହିଁ - ସବୁଥି କେବଳ ଆଜି ଭଙ୍ଗା ପଥର, ସବୁ ନିସ୍ତେଜ ଅସୁସ୍ତ ଅକ୍ଷରର ଅବକ୍ଷୟ। (ଗିରି ଗହ୍ୱରର ସ୍ୱଳ୍ପତାରେ ସାମ୍ରାଜ୍ୟର ଚିହ୍ନବର୍ଣ୍ଣ ନାହିଁ/ ଭିତ୍ତିଚିତ୍ରରେ ଲିଭିଗଲାଣି ବିଜୟୋତ୍ସବ ଉତ୍ତେଜନା / ଭଙ୍ଗ ପଥର ଧ୍ୱନିତ କରେ ନାହିଁ ନୂପୁରର ଅନୁରଣନ ...। - ଖଣ୍ଡଗିରୀ - ସ୍ମୃତିର ସହର; ପୃ-୪୩) କବିଙ୍କ ଉକ୍ତ  କବିତାରେ ଅତୀତର ରମୋନ୍ଥନ ଓ ଉତ୍କଳୀୟ ପ୍ରୀତିର ପ୍ରତ୍ୟକ୍ଷ ନିଦର୍ଶନ ଦେଖିବାକୁ ମିଳେ।

କବି ବ୍ରଜନାଥ ରଥ(୧୯୩୬-୨୦୧୪)ଙ୍କ 'ହେ ମୋର ସ୍ୱଦେଶ'କବିତା ସଂକଳନ ଅନ୍ତର୍ଗତ କବିଙ୍କ 'ଭାରତ ବର୍ଷ' କବିତାରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଅବସ୍ଥାର ଚିତ୍ର କବି ଚିତ୍ତକୁ ବ୍ୟାକୁଳ କରିଛି। ପରାଧୀନ ଭାରତ ମଣିଷମାନେ ଭାରତ ସ୍ୱାଧୀନ ହେଲା ପରେ ଯେଉଁ ସ୍ୱପ୍ନର ଘିଅ ମହୁରେ ଭାସୁଥିଲେ ସେ ସ୍ୱପ୍ନ କେବଳ ଅବାସ୍ତବ ପରିକଳ୍ପନା ହୋଇ ରହିଗଲା। ଯେଉଁ ଗୃଧ୍ର ଦଳକୁ ସେହି ଗୃଧ୍ର ଦଳର ରାଜୁତି, ସେହି ମାଂସଲୋଭୀ ଇଗଲର ଏଣେତେଣେ ଅବାଧ ଉଡାଣ।(ଏବେ ଏଠି ଦଳଦଳ

ଗୃଧ୍ରର ରାଜୁତି,/ ମାଂସଲୋଭୀ ଇଗଲ / ଏଣେତେଣେ ଅବାଧ ଉଡାଣ, ଏବଂ ସେମାନଙ୍କ ନିରଙ୍କୁଶ ଅବାଧ ଶାସନ। - ଭାରତବର୍ଷ - ହେ ମୋର ସ୍ୱଦେଶ; ପୃ-୨୭) ଦିନେ ଯେଉଁ ନୀଳକାନ୍ତ ମଣି ସମ ଉଜ୍ଜଳ ଆକାଶରେ ଦିଗନ୍ତ ଛୁଆଁ ଶାନ୍ତ ଆକାଶରେ ବିଚିତ୍ର ଭଙ୍ଗୀରେ ଉଡିବୁଲୁଥିଲେ ଆଜି ସେମାନେ କାହାନ୍ତି ? କବିଙ୍କ ପ୍ରାଣରେ ଗଭୀର ଆତ୍ମଗ୍ଲାନି। ସ୍ୱାଧୀନତା ପରବର୍ତ୍ତୀ ଭାରତର ଦୁର୍ଦ୍ଦଶା ଓ ଦୁର୍ଗତି ହିଁ ଉକ୍ତ କବିତାର ମୂଳସ୍ୱର।

'ଅଯୋଧ୍ୟା' କବିତାରେ ହିନ୍ଦୁ- ମୁସଲିମ୍ ସଂଘର୍ଷର ଚିତ୍ରକୁ କବି ପ୍ରକାଶ କରିଛନ୍ତି। ଇତିହାସ ପୃଷ୍ଠାର ସେହି କଳଙ୍କିତ ସମୟ କବିଙ୍କ କବିତାର ପ୍ରତି ପୃଷ୍ଠାରେ ଅନୁମେୟ। ବାବରୀ ମସଜିଦର ପ୍ରାଚୀନତା ଦାବି କରି ମୁସଲମାନ ମାନେ ଯେଉଁ କୁଟଚକ୍ରାନ୍ତ ଦୀର୍ଘ ଦିନ ହିନ୍ଦୁ ଧର୍ମ ବିଶ୍ୱାସ ପ୍ରତି ଗଭୀର ଯନ୍ତ୍ରଣା ଦେଇଛନ୍ତି। ତାହାର ପରିଚୟ ଦିଏ ଏ କବିତା। (ସରଜୁର କୂଳେ କୂଳେ / କମ୍ପାଇ ମେଦିନୀ, / ଆପଣାର ଘୁଣଖିଆ ଧର୍ମନାମେ / ଗାଇଲେ ସଙ୍ଗୀତ/ ଦେଲେ ଜୟଧ୍ୱନି। (ଅଯୋଧ୍ୟା - ହେ ମୋର ସ୍ୱଦେଶ; ପୃ- ୭୯)

ସେହିପରି ତାଙ୍କ 'କଳାହାଣ୍ଡି' କବିତାରେ ଫୁଟି ଉଠିଛି କଳାହାଣ୍ଡିର ବୁଭୁକ୍ଷୁ ଜନତା ପ୍ରତି କବିପ୍ରାଣର ତରଣ ଓ ମରମର ଭାଷା।। ଯେଉଁଠି ରାଜଦଣ୍ଡ ଓ ରାଜସିଂହାସନ ଯଦିଓ ଶେଷ ହୋଇଛି ତଥାପି ସେଠି କ୍ଷୁଧାର ଶାସନ ଏଯାଏଁ ଶେଷ ହୋଇନି। (... ସର୍ବଗ୍ରାସୀ କ୍ଷୁଧାର ଶାସନ / ଚାଲେ ଆଜି ଚାଲେ ନିର୍ବିକାରେ।/ ଦାବାଗ୍ନିର ଶିଖା ଠାରୁ ଆହୁରି ଭୀଷଣ / ଶିଖା ତେଜି ଜଠରାଗ୍ନି / ହୁତୁହୁତୁ ଜଳେ। - କଳାହାଣ୍ଡି - ହେ ମୋର ସ୍ୱଦେଶ; ପୃ- ୮୧)କଳାହାଣ୍ଡି ପ୍ରତି କବିଙ୍କ ଆତ୍ମୀୟତା ଏ କବିତାରେ ଲକ୍ଷ୍ୟ କରାଯାଇପାରେ।

କବି ସୀତାକାନ୍ତ ମହାପାତ୍ରଙ୍କ 'ଚିତ୍ରନଦୀ'ରେ ସ୍ଥାନିତ 'କଟକ' କବିତାରେ କଟକର ଏକ ନିଆରା ଚିତ୍ର ଆଙ୍କିଛନ୍ତି କବି। ଜନଗହଳିପୂର୍ଣ୍ଣ କଟକ ସହରର ଧବଳ ଟଗର ଦେଖି କବିଙ୍କୁ ଭୟ ଅନୁଭବ ହେଇଛି। (ପିଲାବେଳେ ଛବିଳ ମଧୁବର୍ଣ୍ଣବୋଧରେ ପଢିଥିବା "କଟକ ସହର ଧବଳ ଟଗର'କୁ ବୋଧେ କବି ଏଠି ସ୍ମରଣ କରିଛନ୍ତି। ସବୁବେଳେ ଚଳଚଞ୍ଚଳ ଓଡିଶାର ସର୍ବପୁରାତନ ଏହି ସହରରେ କେତେ ଲୋକ କେତେ ଆଶା ଓ ସମସ୍ୟା ନେଇ ଆସନ୍ତି। ଯେଉଁଠି ଦିନ ଦି'ପହରରେ ମଧ ଟିକିଏ ଶାନ୍ତି ନାହିଁ, ସୂର୍ଯ୍ୟାଙ୍କ ଡହଡହ ତାତି ଆହୁରି ଅସ୍ତବ୍ୟସ୍ତ କରିଦିଏ। (କଟକ ସହର / ସେଠି ଫୁଟେ ରାସ୍ତାସାରା ଦୁଃଖଙ୍କର ଧବଳ ଟଗର / ଧବଳ ଟଗର ଦେଖି ଡରମାଡ଼େ/ ଲୋକ ଭିଡ ଦିନ ଦି'ପହରେ/ ଡହ ଡହ ସୂର୍ଯ୍ୟାଙ୍କର ଭୀମରଡି କରେ ... - କଟକ - ଚିତ୍ରନଦୀ; ୪୩) ଏହି ଦୀର୍ଘ କବିତାରେ କବି ନିଜର କଟକ ସହ ଜଡ଼ିତ ଅନୁଭବ ଓ ଅନୁଭୂତିକୁ କବିତାରେ ନୂଆ ରୂପରେ ରୂପ ଦେଇଛନ୍ତି। ଏହା ସହ କଟକର ସ୍ଥାନ ଭେଦରେ ବିଭିନ୍ନ ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟକୁ ଉପସ୍ଥାପନା କରିଛନ୍ତି। କଟକ ସହ କବିଙ୍କ ଥିବା ସ୍ୱକୀୟ ଆତ୍ମୀୟତା କବିତାରେ ସ୍ପଷ୍ଟ ବାରିହେଇପଡେ।

'ଲଣ୍ଡନ : ମଧରାତି' କବିତା କବି ସଚ୍ଚି ରାଉତରାୟଙ୍କ କଲମ୍ବୋରେ ସନ୍ଧ୍ୟା କବିତା ପରି ଅନୁରୂପ ଭାବ ପ୍ରକାଶ ଦେଖିବାକୁ ମିଳେ। କିନ୍ତୁ ସୀତାକାନ୍ତଙ୍କ କବିତାରେ ଏକ ଉଦାସୀ କାର୍ମକ୍ଲାନ୍ତ ବଣିକର ଅବସ୍ଥା ଚିତ୍ରିତ ହେବାବେଳେ ସଚ୍ଚି ରାଉତରାୟଙ୍କ କବିତାରେ ନିଜ ଜନ୍ମଭୂମିର ସ୍ମୃତି ତାଙ୍କୁ ବିଭୋର କରିଛି। କବି ସୀତାକାନ୍ତ ମହାପାତ୍ର ଲଣ୍ଡନ ରହଣି ରାତ୍ରିର ସେହି ବିନିଦ୍ର ସମୟରେ ଏ ଲଣ୍ଡନ ସହରର ସ୍ୱରୁପକୁ ହୃଦୟଙ୍ଗମ କରିଛନ୍ତି। ଏଠିକାର ଅସରନ୍ତି କାଚ କଂକ୍ରିଟ ଜଙ୍ଗଲରୁ ମୁକ୍ତି ମିଳେନି, ଏମିତି ନିର୍ଜନ ଶୂନ୍ୟତା ଭିତରେ ନିଜ ଛାଇ ସହ ହିନ ଜୀବନ ଅତିବାହିତ କରିବାକୁ ହୁଏ। (ପ୍ରାୟ ଅସରନ୍ତି କାଚ କଂକ୍ରିଟ ଜଙ୍ଗଲ କବଳରୁ ମୁକ୍ତି ମିଳେ।/ ହାତ ପାହାନ୍ତାରେ ଯନ୍ତ୍ରଣା ପରି ନୀଳ ଓ ନିର୍ଜୀବ ଅନ୍ୟ ସ୍ୱପ୍ନର ଫୁଲ ଫୁଟେ। - ଲଣ୍ଡନ : ମଧରାତ୍ରି - ଚିତ୍ରନଦୀ; ପୃ ୫୮) ସମଗ୍ର କବିତାରେ ଏକ ଉଦାସୀ ବିବ୍ରତ ପ୍ରାଣର ଆଶଙ୍କାପୂର୍ଣ୍ଣ ଅବସ୍ଥା ହିନ କବିତାର ମୂଳପିଣ୍ଡ। ଲଣ୍ଡନର ଜୀବନ ଶୈଳୀ ଓ ସେଠିକାର ଘଟଣା ପ୍ରବାହ କବିଙ୍କ ଭିତରେ ଯେଉଁ ଭାବନା ସୃଷ୍ଟି କରିଥିଲା ତାହା ହିନ ହୋଇଛି ଏହି କବିତାର ଭାବବାସ୍ତୁ।

କବିଙ୍କ 'କାହାକୁ ପୁଛିବା କୁହ' ସଂକଳନରେ ସ୍ଥାନିତ 'ଭୁବନେଶ୍ୱର ୧୯୭୦' ଓ 'ଭୁବନେଶ୍ୱର ୧୯୭୨' ଉଭୟ କବିତାର ଭାବବାସ୍ତୁ ସମାନ। ଏକ ନିର୍ଦ୍ଦିଷ୍ଟ ସମୟଖଣ୍ଡର ସାମାଜିକ, ସଂସ୍କୃତିକ ଓ ମୂଲ୍ୟବୋଧର ପରିବର୍ତ୍ତନ ଉକ୍ତ କବିତା ଦ୍ୱୟରେ ଦେଖିବାକୁ ମିଳେ। କବି ଭୁବନେଶ୍ୱର ସହରର ଅତୀତ ଓ ବର୍ତ୍ତମାନ ଭିତରେ ଏକ ସମନ୍ବୟର ରେଖା ଟାଣିବାର ପ୍ରୟାସରେ ପ୍ରୟାସୀ ହୋଇଛନ୍ତି। ଯେଉଁଠି ସ୍ତିମିତ ହେଉଛି ସଂସ୍କୃତିକ ମୂଲ୍ୟବୋଧ ଏବଂ ସେ ସବୁ ସ୍ଥାନରେ ନୂଆ ମୂଲ୍ୟବୋଧ ମାନେ ନିଜର ସ୍ଥିତି ଜାହିର କରୁଛନ୍ତି। ସେ ହେଉ ଦାଢିବାଲା ଋଷିମାନେ ଓହ୍ଲେଇ ଆସିବା ଶୀତତାପ-ନିୟନ୍ତ୍ରିତ କାଗଜ ନିର୍ମିତ ନୂଆ ନୂଆ ଗୁମ୍ଫା ଭିତରେ, ଅବା ଭାଙ୍ଗୁଥିବା ନାଟ୍ୟ ମନ୍ଦିର ଶୂନ୍ୟ ଚଟାଣ ଅବସ୍ଥା।(ଛାଇ ପରି ଦାଢିବାଲା ଋଷିମାନେ ଓହ୍ଲେଇ ଆସନ୍ତି;/ ବାହାରି ଆସନ୍ତି ଆଉ ପ୍ରବେଶନ୍ତି / ଶୀତତାପ-ନିୟନ୍ତ୍ରିତ କାଗଜ ନିର୍ମିତ /ନୂଆ ନୂଆ ଗୁମ୍ଫା ଭିତରେ ...। - ଭୁବନେଶ୍ୱର - ୧୯୭୦ - କାହାକୁ ପୁଛିବା କୁହ; ପୃ ୩୯) ସବୁକିଛି ଭିତରେ ସମୟ ସହ ମଣିଷ ଅଗାକୁବଢେ। ଆଗକୁ ବଢିବା ହିଁ ଧାର୍ଯ୍ୟ। ସେହିପରି ଏହାର ଦ୍ୱିତୀୟ ଭାଗ କହିଲେ ଅତ୍ୟୁକ୍ତି ହେବନି 'ଭୁବନେଶ୍ୱର ୧୯୭୨' କବିତାକୁ। ଏଠାରେ ମଧ କବି ଭୁବନେଶ୍ୱରର ଅତୀତ ଇତିହସକୁ ରୋମନ୍ଥନ କରିଛନ୍ତି। ମାନେ ପକେଇଛନ୍ତି ଏ ମାଟିର ସମ୍ରାଟମାନଙ୍କୁ, ସେମାନଙ୍କ କୀର୍ତ୍ତି ଓ ସାମର୍ଥ୍ୟକୁ। (ସାମ୍ରାଜ୍ୟ ସକଳ / କେଶରୀ, ଭୌମ ଓ ଗଙ୍ଗ / ଅଶୋକ ଓ ବୀର ଖାରବେଳ ... - ଭୁବନେଶ୍ୱର ୧୯୭୨ - କାହାକୁ ପୁଛିବା କୁହ; ୪୩)

ଭୁବନେଶ୍ୱରକୁ ନେଇ କବିଙ୍କ ଅନ୍ୟ ଏକ ଦୀର୍ଘ କବିତା ସ୍ଥାନିତ ହୋଇଛି ତାଙ୍କ 'ଚଢେଇ ତୁ କି ଜାଣୁ' କବିତା ସଂକଳନରେ। ଏହି କବିତାରେ ମଧ କବି ସହରୀ ସଭ୍ୟତାରେ ନୀତିଦିନିଆ ଜୀବନ ଶୈଳୀର ଏକ ନିଚ୍ଛକ ଚିତ୍ର ଆଙ୍କିଛନ୍ତି। ଯେଉଁଠି ସହରୀ ମଣିଷଟିଏ କୁମ୍ଭକର୍ଣ୍ଣର ନିଦ ଶୋଇଥିବା ବେଳେ ତାଙ୍କ ଦୂତ, ଅମାତ୍ୟ ତୁଲ୍ୟ ବ୍ରହ୍ମଜ୍ଞାନ ବାଣ୍ଟିବା ତୁଲ୍ୟ ହକର ମାନେ ଖବର କାଗଜ ନେଇ ସମସ୍ତଙ୍କ ଫାଟକ ପାଖାରେ ଜମା ଦେଇ ଆସନ୍ତି।(କୁମ୍ଭକର୍ଣ୍ଣମାନଙ୍କର ନିଦ ଭାଙ୍ଗିବା ବେଳକୁ / ଅମାତ୍ୟ, ଦୂତ ହକର୍, ବ୍ରହ୍ମ ମୁହୂର୍ତ୍ତରୁ ଖବରକାଗଜ ଆଣି ବ୍ରହ୍ମଜ୍ଞାନ ରସଦ୍/ ସବୁ ଜମା କରିଥାନ୍ତି / ବନ୍ଧ ଫାଟକ ସାମ୍ନାରେ। - ଭୁବନେଶ୍ୱର - ଚଢେଇରେ ତୁ କି ଜାଣୁ; ପୃ ୨୪) ଯେ ସହରର ଏକ ନିୟମିତ ବ୍ୟାପାର। ସହରର ଜୀବନ ଶୈଳୀ ସହ ନାନା ସମସ୍ୟା ଭିତରେ ମଣିଷର ସ୍ଥିତିକୁ କବି ଏହି କବିତାରେ ଅଙ୍କିବାର ପ୍ରୟାସ କରିଛନ୍ତି। ଏହା ଭିତରେ ଭୁବନେଶ୍ୱର ସହରର ଭୌଗୋଳିକ ଓ ଐତିହାସିକ ଅବସ୍ଥିତି ଭିତରେ ଏମାଟିର ଗୌରବ ମଧ ନିତ୍ୟାନିୟମିତ ଭାବେ କବିଙ୍କ କବିତାରେ ଛଳଛଳ ହୋଇ ଉତୁରି ଆସିଛି। ସେ ହେଉ ଖଣ୍ଡଗିରୀ ଗୁମ୍ଫା କିମ୍ବା ଦୟାନଦୀ। ସେ ସବୁ ଭିତରେ କବି ଇତିହାସ ଆଉ ବର୍ତ୍ତମାନ ଭିତରେ ସମ୍ପର୍କ ସ୍ଥାପନ କରିବାର ଚେଷ୍ଟା କରିଛନ୍ତି ଏହି କବିତାରେ।

ଯେଉଁଠି ଜୀବନ ହେଉଛି ଏକ ପ୍ରବାହ ଠିକ୍ ଯାହା ମୃତ ପ୍ରାଚୀ ନଦୀ କୂଳରେ ବାହିଯାଉଥାଏ। (ଦିନ ବହିଜାଏ / ମୃତ ପ୍ରାଚୀ ନଦୀକୂଳେ / ଏଇମିତି ଦିନ ବହିଯାଏ !! - ଭୁବନେଶ୍ୱର - ଚଢେଇରେ ତୁ କି ଜାଣୁ; ପୃ ୨୭) ଆଉ ସେ ପ୍ରବାହ ଭିତରେ ମଣିଷକୁ କେତେ ଡଃ ପ୍ରଦାହ ଦେଇ ଗତିକରିବାକୁ ହୁଏ। ଯାହାର ଏକ ଚମତ୍କାର ନିଦର୍ଶନ କବିଙ୍କ ଭୁବନେଶ୍ୱର କବିତା। ଯେଉଁଠି ସାଂପ୍ରତିକ ସହରୀ ସଭ୍ୟତା ଓ ସହରୀ ଜୀବନ ଭିତରେ ଜୀବନକୁ ଜୀଇଁବା ଭୁଲିସରିଥିବା ଅସହାୟ ମଣିଷର ଚିତ୍ର ହିଁ ହୋଇଛି କବିତାର ଭାବ।

'ମୃତ୍ୟୁର ଅସୀମ ଧୈର୍ଯ୍ୟ' କବିତା ସଂକଳନରେ ସ୍ଥାନିତ କବିଙ୍କ 'ଓଡ଼ିଶା' କବିତାରେ କବିଙ୍କ ଜାତିପ୍ରେମ ଓ ମାତୃଭୂମି ପ୍ରତି ଥିବା ଶ୍ରଦ୍ଧାର ଏକ ନିଚ୍ଛକ ଅଭିବ୍ୟକ୍ତି। ଓଡ଼ିଶା ଛାଡି କବିଙ୍କୁ ଅନେକ ସମୟରେ ବାହାର ରାଜ୍ୟ ବା ବିଦେଶରେ ରହିବାକୁ ପଡିଛି। ମାତୃଭୂମି ଠାରୁ ସେହି ଦୂରତା ଭିତରେ ବି କବି ଓଡ଼ିଶାକୁ କ୍ଷଣେ ମାତ୍ର ଭୁଲିପାରିନାହାନ୍ତି। ବରଂ ତାଙ୍କୁ ଅନୁଭବ ହୁଏ ସେ ଏବେ ବି ଓଡିଶାରେ ହିଁ ଅଛନ୍ତି। ତାଙ୍କ ଆଖି ଆଗରେ ଏବେ ବି ନାଚିଉଠେ ସେଇ ବଉଳ ଗଛର ଡାଳ ଯିଏ ନଇଯାଉଛି ପୁବେଇ ପବନରେ, ଭଙ୍ଗା ମନ୍ଦିର ଦୁଆରେ ଭିକାରୀଟି ସଞ୍ଜ ପ୍ରାର୍ଥନା ବୋଲୁଛି। (ଏରୁଣ୍ଡି ବନ୍ଧ ଡେଇଁ ପଦାକୁ ଗୋଡ କାଢିଲେ / ଦୁଶେ ବଉଳ ଗଛର ଡାଳ ନାଇଁଯାଉଛି/ ପୁବେଇ ପବନରେ ... - ଓଡ଼ିଶା - ମୃତ୍ୟୁର ଅସୀମ ଧୈର୍ଯ୍ୟ; ପୃ ୧୩) ସବୁ କିଛି ଯେମିତି ତାଙ୍କୁ ଜଳଜଳ ହୋଇ ଦିଶିଯାଉଛି। ପୁଣି ସେହି ସବୁ ଭିତରେ ମହମହ ବାସିଉଠେ ମଲ୍ଲୀଫୁଲ, ସଞ୍ଜବତୀ ସହ ଭାଉଜଙ୍କ ସଞ୍ଜ ଆଳତି, ଛୟାଶି ବର୍ଷର ଜେଜେ ଆଉ ସାହି ମୁଣ୍ଡ ଭଗବତ ଟୁଙ୍ଗି। ଯାହା କବିଙ୍କୁ ସବୁବେଳେ ବିଭୋର କରିଛି। ଯେଉଁଠି ସେ ପାଇଛନ୍ତି ଓଡ଼ିଶାକୁ। ଆତ୍ମପ୍ରତ୍ୟୟ ଲାଭ କରିଛନ୍ତି।

'କପଟପାଶା' କବିତା ସଂକଳନରେ ସ୍ଥାନିତ 'ଓଡ଼ିଶା' କବିତାରେ ମଧ୍ୟ କବିଙ୍କ ଅନୁରୂପ ଭାବ ପ୍ରକାଶ ଘଟିଛି। ଯେତେଥର ବି ସେ ଘରର ଏରୁଣ୍ଡିବନ୍ଧ ଡେଇଁ ଯାଇଛନ୍ତି ତାଙ୍କ ସାଙ୍ଗରେ ନେଇଯାଇଛନ୍ତି ଓଡ଼ିଶାକୁ। ସେ ହେଇପାରେ ଦିଲ୍ଲୀ, ଟୋକିଓ, କିମ୍ବା ଲେନିନ୍ ଗ୍ରାଡ୍, ସେ ସାଙ୍ଗରେ ନେଇଯାନ୍ତି ସେହି ପୁବେଇ ପବନରେ ନଇ ପଡୁଥିବା ବଉଳଭର୍ତ୍ତି ଆମ୍ବଗଛ, ଆଉ ତହିଁରେ ଲୁଚକାଳି ଖେଳୁଥିବା ସେଇ ହଳଦୀବସନ୍ତ। ପୁଣି ସାଙ୍ଗରେ ନେଇ ଯା'ନ୍ତି ସେହି ଦାଣ୍ଡରେ ସଢେଇ ଖେଳ ଖେଳୁଥିବା ଛୁଆମାନଙ୍କର ନିଷ୍ପାପ ଉଦାସ ଆଖି, (ସାଙ୍ଗରେ ନେଇଯାଏ / ଦାଣ୍ଡରେ ସଢେଇ ଖେଳ ଖେଳୁଥିବା / କୁନି କୁନି ଛୁଆଙ୍କ / ନିଷ୍ପାପ ଉଦାସ ଆଖିକୁ /... ଓଡ଼ିଶା, କପଟପାଶା; ପୃ ୧୧) ଭଙ୍ଗା ଚୌକିକୁ ୱିକେଟ୍ କରି କ୍ରିକେଟ ଖେଳରେ ମତିଥିବା କିଶୋରଙ୍କ ଉଜ୍ଜଳ ମୁହଁ, ଧନବିଳର କାଦୁଅ ଚକଟି ନଇଁ ପଡିଥିବା କୁଶା ଡେରା ସହ ରଘୁ ମଳିକର ଅନିଶ୍ଚିତ ଅନ୍ଧାରି ଭବିଷ୍ୟତ ଏମିତି ଅନେକ କିଛି। ଯାହା ତାଙ୍କୁ ଓଡ଼ିଶାର ଅନୁଭବ ଦିଏ। ନିତିଦିନିଆ ଜୀବନର ମୂଲ୍ୟବୋଧ ହିଁ ସହ ନିଜ ଜନ୍ମମାଟିର ପ୍ରତିଟି ମୁହୂର୍ତ୍ତ କବିଙ୍କ ଅନ୍ତରାତ୍ମା ଭିତରେ ସ୍ୱତନ୍ତ୍ର ସ୍ଥାନ ପାଇଛି। ଉକ୍ତ କବିତାରେ ଚିରକାଳିନ ମୂଲ୍ୟବୋଧ ସ୍ପଷ୍ଟ ଭାବେ ଜଣାଯିବା ସହ ତାଙ୍କ ଜନ୍ମମାଟିର ଏକ ନିଚ୍ଛକ ଚିତ୍ର ଅନୁମେୟ। ଏହି ସଂକଳନର ଅନ୍ୟ ଏକ କବିତା 'ଡାଲହ୍ରଦ - ଶୀତରତୁ' କବିତାରେ କବିଙ୍କ ସୌନ୍ଦର୍ଯ୍ୟ ପିପାସୁ ମନର ଚିତ୍ର ବହନ କରେ। ଡାଲ୍ ହ୍ରଦରେ ନୈକ ବିହାର ସମୟରେ କବିଙ୍କ ମଧୁର ଅନୁଭବ ସହ ବ୍ୟଞ୍ଜନାତ୍ମକ ଦାର୍ଶନିକ ଦୃଷ୍ଟିଭଙ୍ଗୀର ପ୍ରକାଶ ଘଟିଛି। ସେହି କ୍ଷଣିକ ସମୟର ଅନୁଭରେ ସତେକି କବିଙ୍କୁ ମନେହୋଇଛି ଏକ ଦେବତା ତୁଲ୍ୟ ଆଶରୀରୀ ପ୍ରେତ ପରି ଡଙ୍ଗାରେ ଆହୁଲା ମାରୁଥିବା ଛାୟାମୂର୍ତ୍ତିର ଗଢଣ।(ଅଶରୀରୀ ପ୍ରେତ ପରି ଡଙ୍ଗାଟିଏ / ମଙ୍ଗରେ ଆହୁଲା ମାରୁଥିବା ଛାୟାମୂର୍ତ୍ତିର ଗଢଣ/ ଅନେକଟା ଦେବତାଙ୍କ ପରି /... - ଡାଲ୍ ହ୍ରଦ, କପଟପାଶା; ପୃ ୪୭) ପୁଣି କୁହୁଡି ଆଉ ବରଫ ଭିତରେ ସେଇ ନିଆରା ଅନୁଭୂତି ହିଁ ଉକ୍ତ କବିତାର ଭାବବସ୍ତୁ। ତାଙ୍କ 'ଖଣ୍ଡଗିରୀ ଗୁମ୍ଫା' କବିତାରେ ମଧ୍ୟ ଐତିହାସିକ ମୂଲ୍ୟବୋଧ ସହ ଆଧୁନିକ ମଣିଷର ଦୈନ୍ୟକୁ କବି ନିର୍ବାକ ଓ ଶୂନ୍ୟ ଖଣ୍ଡଗିରୀର ପଥର ଗୁମ୍ଫା ସହ ତୁଳନା କରିଛନ୍ତି। ଦିନେ ଯେଉଁଠି ମୁନିଗଣଙ୍କ ଉଚ୍ଚରିତ ପ୍ରାଚୀନ ଶ୍ଳୋକ ମଣିଷ ମନର ସବୁ ଦୁଃଖ ଓ ଯନ୍ତ୍ରଣକୁ ଦୂର କରିବାରେ ସକ୍ଷମ ହୋଇପାରୁଥିଲା, କିନ୍ତୁ ଆଜି ସବୁକିଛି ଶୂନ୍ୟ। ଆଜି ମଣିଷର ହନ୍ତସନ୍ତ ଜୀବନରେ ତା'ର ଦୁଃଖ ହିଁ ସାଥୀ। ସମୟ ସହ ଖଣ୍ଡଗିରୀ ପୁରୁଣା ହୁଏ, ତା'ର ପଥରମାନେ ପୂର୍ବ ଅପେକ୍ଷା ଆହୁରି କଳା ହୁଅନ୍ତି ଆଉ ଖାରବେଳଙ୍କ ଧୀରେ ଧୀରେ ଅଧୋଗତି ଘଟେ। ସତେ ଯେମିତି ଦିନେ ସେସବୁ ଆମେ ଭୁଲିଯିବ। କେବଳ ଚୁପ୍ ହୋଇ ବସିରହିବା ହିଁ ସାର୍ ହେବ। (ଗୁମ୍ଫାଦାଢରେ ଚୁପ୍ ଟିଏ ହୋଇ/ ବସିରହିବାକୁ ପଡେ। ସୂର୍ଯ୍ୟାସ୍ତ ଆଡ଼େ ଅନେଇ/ ନିଜେ ପଥର ହୋଇ। - ଖଣ୍ଡଗିରୀ ଗୁମ୍ଫା - କପଟପାଶା; ପୃ ୮୦) କବିତାରେ କବିଙ୍କ ଅନେକ ଶଙ୍କା ଭବିଷ୍ୟତକୁ ନେଇ, ମଣିଷର ସରୁନଥିବା ଦୁଃଖକୁ ନେଇ।

ସେହିପରି ସୌଭାଗ୍ୟ ମିଶ୍ର(୧୯୪୧)ଙ୍କ ପ୍ରାୟ କବିତା ସଂକଳନରେ ସ୍ଥାନ ନାମକୁ ନେଇ ଅନେକ କବିତା ଲେଖାହୋଇଥିବା ଯାନଯାଏ। 'ଆତ୍ମନେପଦୀ'ରେ ସ୍ଥାନିତ 'କେଉଁଝର' କବିତାରେ ଯଦିଓ କେଉଁଝର ସମ୍ପର୍କରେ ବିଶେଷ ଉଲ୍ଲେଖ ଦେଖାଯାଏ ନାହିଁ, ତଥାପି ଏକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ଏହି କବିତାରୁ ସହଜଲଭ୍ୟ। କଟକ ସହରର ଅଶାନ୍ତ ଓ ଭେଜାଳ ଜୀବନ ଅପେକ୍ଷା କବି କେଉଁଝରକୁ ଆଶ୍ରା କରିଛନ୍ତି। କିନ୍ତୁ କାଇଁ ମୁକ୍ତି ତାଙ୍କର ! (କେଉଁଝର ! ତମେ କେବେ ନଥିଲ ଓ କେବେ ହେବନାହିଁ- କେଉଁଝର - ଆତ୍ମନେପଦୀ; ପୃ ୬୦) ଅନୁରୂପ ଭାବେ ତାଙ୍କ 'ନାଇପହଁରା' କବିତା ସଂକଳନର 'ନରାଜ' ଓ 'ସମ୍ବଲପୁର' କବିତାରେ ମଧ୍ୟ କବିଙ୍କ ସୌନ୍ଦର୍ଯ୍ୟପ୍ରାଣତା ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀ ଅନୁମେୟ। ନରାଜର ପରିବେଶ ଆଉ କବିଙ୍କ ଜୀବନର ଦୃଷ୍ଟି ଉଭର ସମନ୍ୱୟ ଭିତରେ କବିତା ହୋଇଛି ପ୍ରାଣବନ୍ତ। ସେହିପରି 'ସମ୍ବଲପୁର' କବିତାରେ କବିଙ୍କ ଦାର୍ଶନିକ କବିଦୃଷ୍ଟି ସହ ବ୍ୟଞ୍ଜନାତ୍ମକ ଭାବେ ସେଠାକାର ପରିବେଶ ଓ ମଣିଷମାନଙ୍କର ଚିତ୍ର ଉତୁରି ଆସିଛି। 'ଅନ୍ଧ ମହୁମାଛି'ରେ ସ୍ଥାନିତ 'ଦାର୍ଜିଲିଂ' କବିତାରେ କବିଙ୍କ ହୃଦୟ ହୋଇଛି ପ୍ରେମ ବିଭୋର। ନିଜ ପ୍ରେମିକା ଅଥବା ନାୟିକାଙ୍କୁ ସ୍ମରଣ ପୂର୍ବକ ସେ ଉନ୍ମାଦିତ ହୋଇଛନ୍ତି। ଦାର୍ଜିଲିଂର ବର୍ଷା ସଙ୍କୁଚିତ ଆକାଶରେ, ନୀରବଚ୍ଛିନ୍ନ ଉପତ୍ୟକାରେ, ପୁଣି ଗିରି କନ୍ଦିର, ଶୁନ୍ୟ ପାନ୍ଥଶାଳା – ସବୁକିଛି ଯେମିତି ପ୍ରେମମୟ ହୋଇଉଠିଛି କବି ଦୃଷ୍ଟିରେ। (ତମର ପ୍ରେମ ପାଇଁ ସୁପର୍ଣ୍ଣା,/ ଦାର୍ଜିଲିଂ,/ବର୍ଷରେ ଶଙ୍କୁକିତ ଆକାଶ ଓ ସମୟ। / ତମର ଉଚ୍ଚାଟ କୋହ ପାଇଁ, ସୁପର୍ଣ୍ଣା,/ ଦାର୍ଜିଲିଂ,/ଉନ୍ମଦ ଆଲୋକରେ ନିରବଚ୍ଛିନ୍ନ ଉପତ୍ୟକା। - ଦାର୍ଜିଲିଂ- ଅନ୍ଧ ମହୁମାଛି; ପୃ ୨୭) ଦାର୍ଜିଲିଂକୁ ନେଇ କବିଙ୍କର ଏକ ପ୍ରେମମୟ ପରିପ୍ରକାଶ ଉକ୍ତ କବିତାରେ ଭାବମୟ ହୋଇଉଠିଛି। ତାଙ୍କ ଏହି ସଙ୍କଳରେ ସ୍ଥାନିତ 'କ୍ୱାଲାଲମ୍ପୁର୍' କବିତାରେ ମଧ୍ୟ କବି ବ୍ୟଞ୍ଜନାତ୍ମକ ଭାବେ ଏକ ମଧ୍ୟବିତ ପରିବାରର ଚିତ୍ର ଅଙ୍କିଛନ୍ତି। ବାରିପଦାର ବାରିଷ୍ଟର୍ ରସିକଲାଲକୁ ପ୍ରତିନିଧି ଚରିତ୍ର ଭାବେ ସେ ଜୀବନର ବାସ୍ତବତାକୁ ସୂଚେଇଛନ୍ତି। କ୍ୱାଲାଲମ୍ପୁର୍ ଏଠାରେ ଏକ ସ୍ୱପ୍ନ, ଯାହା କେବେ ବାସ୍ତବ ହୋଇପାରେନା ଖାଲି ଯାହା ପ୍ଲାଟ ଫର୍ମ ୨ ରୁ ୧ ହେଇ ବାହୁଡିବା ହିଁ ସାର ହୁଏ। ( ପ୍ଲାଟ ଫର୍ମ ୧ ରୁ ପ୍ଲାଟ ଫର୍ମ ୨କୁ/ ସିଧା ସିଧା ଚାଲିଯିବା ଆମର ସାହସ,/ ପ୍ଲାଟ ଫର୍ମ ୨ରୁ ପ୍ଲାଟ ଫର୍ମ ୧କୁ ସିଧା ବାହୁଡି ଆସିବା ଆମର ସତର୍କତା। 'ବଜ୍ରଯାନ' କବିତା ଗ୍ରନ୍ଥର 'ନନ୍ଦନକାନନ' କବିତାରେ କବିଙ୍କ ଜୀବନଦର୍ଶନ ସହ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସୌନ୍ଦର୍ଯ୍ୟ ଓ ନାନ୍ଦନିକତାକୁ କବି ଏଠାରେ ଦର୍ଶାଇଛନ୍ତି। ସେହିପରି 'ଇରାନ'

କବିତାରେ ଏକ ରକ୍ତାକ୍ତ ଓ ବର୍ବର ଘଟଣାର ଅବଧାରଣା। ମାନବୀୟ ମୂଲ୍ୟବୋଧର ହତ୍ୟା କରାଯାଉଥିବା ଏହି ଇରାନ୍ ଉପରେ କବିଙ୍କ କ୍ଷୋଭ ଓ ଉତ୍ତପ୍ତ ରକ୍ତର ବିପ୍ଳବ ହେଉଛି ଏହି କବିତା। ଆହୁରି ମଧ୍ୟ 'ଗୋପାଳପୁର' କବିତାର କବିଙ୍କ ଉଲ୍ଲସିତ ହୃଦୟର ନିରୁତା ପରିପ୍ରକାଶ। ଗୋପାଳପୁରର ସ୍ୱମୁଦ୍ର କୂଳରେ କବି ଓ କବି ବନ୍ଧୁ ଏକତ୍ର ବସିଥିବା ବେଳେ କବିଙ୍କ ହୃଦୟ ତଲ୍ଲିନ ହୋଇଛି ସେହି ପ୍ରକୃତିକ ଶୋଭା ଭିତରେ। ସବୁ ନୀତିନିୟମରୁ ସେ ଯେମିତି ଆଜି ମୁକ୍ତ। ଏକ ନିଆରା ଅଭିବ୍ୟକ୍ତି କବିଙ୍କ ଗୋପାଳପୁର କବିତା। ସେହିପରି 'ଦ୍ୱା ସୁପର୍ଣା'ରେ ମଧ କବିଙ୍କ 'ଭଞ୍ଜବିହାରରେ ବର୍ଷା', 'ଇରାନ୍', ଓ 'ଗୋପାଳପୁର' ଶୀର୍ଷକ ତିନୋଟି କବିତା ସ୍ଥାନିତ।

ଅନୁରୂପ ଭାବେ ପ୍ରସନ୍ନ କୁମାର ମିଶ୍ର (୧୯୪୧- ୨୦୧୪)ଙ୍କ 'ଆ ପକ୍ଷୀ ଫେରିଆ' କବିତା ଗ୍ରନ୍ଥର 'ଚିଲିକା ପାରି', 'କଳିଙ୍ଗ ଘାଟି', ନିତ୍ୟାନନ୍ଦ ନାୟକ (୧୯୪୨)ଙ୍କ ଯେଝା ଯେଝା ବାଟରେ' କବିତା ଗ୍ରନ୍ଥର 'ପ୍ରାତଭ୍ରମଣ : କଟକ', 'କଟକ', 'ଶିରିଡ଼ି', ଶୈଳଜ ରବି (୧୯୪୨)ଙ୍କ 'ନିର୍ବାଚିତ କବିତା' ସଂକଳନର 'ପଞ୍ଚବଟୀ' କବିତା, ସରୋଜ ରଞ୍ଜନ ମହାନ୍ତି (୧୯୪୨)ଙ୍କ 'ଫୁଲ ଫୁଟାଇବା ମନା' କବିତା ଗ୍ରନ୍ଥର 'କଳାହାଣ୍ଡି' କବିତା, ପ୍ରମୋଦ କୁମାର ମହାନ୍ତି (୧୯୪୩) 'ଅକାତକାତ' କବିତା ସଂକଳନର 'କଟକ - ୧' , 'କଟକ - ୨', 'ଦେବୀପାଦ'ରେ ସ୍ଥାନିତ 'ଚିଲିକା', ଫନି ମହାନ୍ତି (୧୯୪୪)ଙ୍କ 'ଚିତ୍ର ପ୍ରତିମା' କବିତା ଗ୍ରନ୍ଥର 'ଭରତ ବର୍ଷ - ୧' , 'ଭରତ ବର୍ଷ - ୨', ରାଜେନ୍ଦ୍ର କିଶୋର ପଣ୍ଡା (୧୯୪୪)ଙ୍କ 'ଅନ୍ୟା'ରେ ସ୍ଥାନିତ 'ପୁରୀ', 'କନ୍ୟାକୁମାରୀ', 'ଚୌକାଠରେ ଚିରକାଳ'ରେ ସଂକଳିତ 'ଜହ୍ନରାତି - କଟକ', ସେହିପରି ସଦାଶିବ ଦାଶ (୧୯୪୫)ଙ୍କ 'ଅ ରୁ ଚନ୍ଦ୍ରବିନ୍ଦୁ'ରେ ସ୍ଥାନିତ 'ଦ୍ୱାରିକାରୁ ଦାରୁ', 'ବାଣୀବିହାରକୁ', କବିତା ସଂକଳନ 'ଅବଧୂତକ୍ରାନ୍ତି'ରେ ସ୍ଥାନିତ 'ବଙ୍ଗଳାଦେଶ', 'ଅକ୍ଷାଂଶ ଦ୍ରାଘିମା'ର 'ନିଜ ପ୍ରତିନିଧି ଠାରୁ - ସବରାମତୀରୁ', 'ଆରବ ଆଫ୍ରିକା', 'ପୁନଶ୍ଚ ରାଉରକେଲା', 'ଦଂଶିତା ଚନ୍ଦ୍ରଭାଗା', କବିତା ସଂକଳନ 'ଷଷ୍ଠ ଚେତନା'ର 'ଭାରତବର୍ଷ - ୧', 'ଭରତବର୍ଷ - ୨', 'କୋରାପୁଟ', 'ଯତନ ନଗର', 'ଚିଲିକାର ଭିନ୍ନ ଏକ ସଂଜ୍ଞା', 'ସୋରିଷ ଫୁଲର ହସ' ସଂକଳନର 'ମେଘମହ୍ଲାର : ମାଲକାନଗିରୀ', 'କାଳନିରବଧି'ର 'କଂଟିଲୋରେ ସକାଳ', 'କଂଟିଲୋରେ ସଞ୍ଜ', 'ଚିଲିକାର ଭିନ୍ନ ଏକ ମୃତ୍ୟୁ', 'ଆର୍ଯ୍ୟାବର୍ତ୍ତ', 'ପୁରୀ /୧୯୯୨', 'ରାଜଧାନୀ ୧୯୯୨', 'ରକ୍ତାକ୍ତ ମୁମ୍ବାଇ' ଆଦି କବିତା ସମେତ ଦେବଦାସ ଛୋଟରାୟ (୧୯୪୬)ଙ୍କ 'ନୀଳ ସରସ୍ୱତୀ'ର (ଅଳ୍ପବୟସ : କଟକ ), (ଅନ୍ତର୍ଗତ ଦୁଃଖ - ପୁରୀ), ନୀଳାଦ୍ରିଭୂଷଣ ହରିଚନ୍ଦନ (୧୯୪୬)ଙ୍କ 'ଅଚାନକ ବୃହନ୍ନଳା'ର ' ପୁରୀ ପୁଣିଥରେ', ଗିରିବାଳା ମହାନ୍ତି (୧୯୪୭)ଙ୍କ 'ସ୍ତ୍ରୀଲୋକ' କବିତା ସଂକଳନର 'ଭାରତ ବର୍ଷ', ମନୋରମା ବିଶ୍ୱାଳ ମହାପାତ୍ର (୧୯୪୮)ଙ୍କ 'ଥରେ ଖାଲି ଡାକିଦେଲେ' କବିତା ଗ୍ରନ୍ଥର 'ଭୁବନେଶ୍ୱର ଗୋଧୂଳି ସହିତ ଏକକାର ହେଲାବେଳେ', 'ଘୁମୁସର', 'ଏଇ କୁଲାଡ଼ଗଡ', 'ଘୁମୁସର', 'ଭରତ ବର୍ଷ - ୧', 'ତୋତେ ମୁଁ ଚିହ୍ନେ ଓଡ଼ିଶା', 'ଶ୍ରୀମନ୍ଦିର କଳ୍ପବଟ ତଳେ', 'ବହୁଦିନ ପରେ ବାଲିଆପାଳ', 'ବିଶ୍ୱାସର ପଦ୍ମବନ' ସଂକଳନର 'ବାରିପଦା', 'ଭାରତବର୍ଷ - ୨', 'ଭାରତ', 'ଶବ୍ଦର ପ୍ରତିମା'ର 'ଆଜି ପୁରୀରେ - ୧', 'ଆଜି ପୁରୀରେ - ୨', 'ଅନୁଗୁଳ ପାଇଁ କବିତାର ଭୂମିକା', 'ମୋ ଦେଶ ମୋ ଭାରତ ବର୍ଷ', 'ବାଲିଆପାଳ ଜାଣେ ନାହିଁ', 'ଦିଲ୍ଲୀ', ଗିରୀଶ ଚନ୍ଦ୍ର ମିଶ୍ର (୧୯୫୨)ଙ୍କ 'ଲବଣ ଚଉଁରୀ' କବିତା ଗ୍ରନ୍ଥର 'କଟକ', ଗିରିଜା କୁମାର ବଳୀୟାରସିଂହ (୧୯୫୪)ଙ୍କ 'ଚିତ୍ରପ୍ରତିମା' ସଂକଳନରେ ସ୍ଥାନିତ ଦୀର୍ଘ କବିତା 'ଚିଲିକା', ଶତ୍ରୁଘ୍ନ ପାଣ୍ଡବ (୧୯୫୫) ଅନେକ ନଈର ସୁଅ (ସଂ)ରେ ସ୍ଥାନିତ 'ମଥୁରା', ହୃଷୀକେଶ ମଲ୍ଲିକ (୧୯୫୫)ଙ୍କ ଧାନସାଉଁଟା ଝିଅ' କବିତା ଗ୍ରନ୍ଥର 'ଭୁବନେଶ୍ୱର', ମନୁ ଦାଶ (୧୯୫୬)ଙ୍କ 'ଆଞ୍ଜୁଳେ ସମୁଦ୍ରର ଢେଉ'ର 'ରାଉରକେଲା', 'କଳା ହରିଣ'ର 'ଓଡ଼ିଶା', 'କାରଗିଲ୍', 'ରାୟଗଡ଼ା' , ଗୌତମ ଜେନା (୧୯୫୯)ଙ୍କ 'କବିତା ୨୦୨୦'ରେ ସ୍ଥାନିତ 'ଭାରତ ଭାରତ - ୧' , 'ଭାରତ ଭାରତ ୨' ଓ 'ଭାରତ ଭାରତ ୩', କମଳ କୁମାର ମହାନ୍ତି (୧୯୬୦)ଙ୍କ 'ବାହୁଡା ବେଳ'ରେ ସଂକଳିତ 'କାଶ୍ମୀର ପାଇଁ କବିତା', 'ଭୁବନେଶ୍ୱରରେ ସକାଳ', 'ସାବରମତି', ସୁଷମା ମିଶ୍ର (୧୯୬୦)ଙ୍କ 'ଆଦିପୁରୁଷ' ସଂକଳନରେ ସଂକଳିତ 'ସୁନ୍ଦରଗଡ଼' ପ୍ରଭୃତି କବିତାରେ 'ସ୍ଥାନନାମ' ଓ 'ଭୂଗୋଳକଳ୍ପ'କୁ ଆଧାର କରି ରଚିତ। ଏହା ବ୍ୟତୀତ 'ସ୍ଥାନ ନାମ'କୁ ଅଧରକରି ଅନେକ କବିତା ସଂକଳନ ମଧ୍ୟ ପ୍ରକାଶିତ ହୋଇସାରିଛି। ('କବିତା କୋଣାର୍କ', କବିତା କନ୍ଧମାଳ' ପ୍ରଭୃତି) ତେବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ କେବଳ ଯେ ଏତିକି ମାତ୍ର ଏହି 'ସ୍ଥାନାନାମ' ଓ 'ଭୂଗୋଳକଳ୍ପ'ର କବିତା ଅଛି, ତାହା କହିବା ଭୁଲ ହେବ। ଏହି ଆଲୋଚନାରେ ଆଲୋଚନାର କଳେବର ଦୃଷ୍ଟିରୁ ସୀମିତ ସଂଖ୍ୟକ କବି ଓ କବିତାକୁ ହିଁ ଆଲୋଚନାର ପର୍ଯ୍ୟାୟଭୁକ୍ତ କରାଯାଇଛି। ଯାହାର ସୂଚନା ପ୍ରଥମରୁ ହିଁ ଦେଇ ଦିଆଯାଇଛି।

## ଉପସଂହାର:

ତେବେ ଆଲୋଚ୍ୟ କବିତାସବୁରେ କବିତାର ଭାବ ଦୃଷ୍ଟିରୁ ଓ ବିଷୟ ବସ୍ତୁ ପରିକଳ୍ପନା ଦୃଷ୍ଟିରୁ ସମସ୍ତ କବିତାରେ ସେହି ସ୍ଥାନର ମହିମା, ଗରିମା, ଐତିହ୍ୟ, ସଂସ୍କୃତି ଓ ତାହାର ସ୍ୱତନ୍ତ୍ରତା ଯଥାସାଧ ପ୍ରତିଫଳିତ ହେବା ସହ ସେହି ସବୁ କବିତା ମାଧମରେ ଆମେ ସେହି ସ୍ଥାନକୁ ନେଇ ଘଟିଥିବା ଘଟଣା ଓ ଏହାର ସାମୟିକ ଉନ୍ନତି ଓ ଅବନତିର ସୂଚନା ଅତି ସହଜରେ ପାଇପାରୁଛେ। ଏକ ନିର୍ଦ୍ଦିଷ୍ଟ ସ୍ଥାନ ଉପରେ ରଚିତ ସେହି କବିତାମାନେ ଆମ ଅତୀତ ଇତିହାସ ସମେତ ବର୍ତ୍ତମାନ ସହ ଏକ ସମନ୍ୱୟ ସୃଷ୍ଟିର ଏକ ଏକ କାରକ। କବିପ୍ରାଣର ଉଚ୍ଛ୍ୱାସ ଭିତରେ ତାଙ୍କ ଦାର୍ଶନିକ ଦୃଷ୍ଟି ଓ ସେହି ସବୁର କବ୍ୟିକ ମୂଲ୍ୟାୟନ ହିଁ ସ୍ଥାନ ସବୁରର ମାନ ନିର୍ଣ୍ଣାୟକ ଭାବେ ଭବିଷ୍ୟତ ପିଢିମାନଙ୍କ ପାଇଁ ଅବଧାରଣା ସୃଷ୍ଟିରେ ବିଶେଷ ଭୂମିକା ନିର୍ବାହ କରିବ। ତେଣୁ ଏହି ସବୁ କବିତା ଏକ ସ୍ୱତନ୍ତ୍ର ପର୍ଯ୍ୟାୟର ଅନ୍ତର୍ଭୁକ୍ତ।

ତେବେ ଶେଷରେ ଏତିକି କୁହାଯାଇପାରେ, ଓଡ଼ିଆ ସାହିତ୍ୟରେ 'ସ୍ଥାନ ନାମ' ଆଧାରିତ କବିତା ରଚନାର ପରମ୍ପରା ସୁପ୍ରଚୀନ। ଓଡ଼ିଆ ସାହିତ୍ୟର ଆଦିକାଳ (ସାରଳାଦାସଙ୍କ) ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅନେକ ସ୍ଥାନ ନାମର କବିତା ରଚିତ ହୋଇସାରିଛି। ଯାହା ଏକ ସ୍ୱତନ୍ତ୍ର ମୂଲ୍ୟବୋଧର ଦ୍ୟୁତୋକ। ସେହି ଦୃଷ୍ଟିରୁ ଶଂସିତ ଆଲୋଚନା ସ୍ୱାଧୀନତା ପରବର୍ତ୍ତୀ ସମୟରେ 'ସ୍ଥାନ ନାମ ଓ ଭୂଗୋଳକଳ୍ପ'କୁ ଆଧାର କରି ଲିଖିତ କବିତାମାଙ୍କର ଏକ ସୂଚନାତ୍ମକ ଅବଧାରଣା ମାତ୍ର। ଏହି ଆଲୋଚନାରେ କେବଳ କିଛି ପ୍ରସିଦ୍ଧ ସାହିତ୍ୟିକଙ୍କ କବିତାକୁ ହିଁ ଅନ୍ତର୍ଭୁକ୍ତ କରାଯାଇପାରିଛି। ତେବେ କହିବାବାହୁଲ୍ୟ ଯେ, ଏହି ଆଲୋଚନା ସ୍ୱାଧୀନତା ପରବର୍ତ୍ତୀ 'ସ୍ଥାନ ନାମ' ଆଧାରିତ କବିତାର ଏକ ବାମନ ରୂପ ମାତ୍ର; ଯାହା ଏକ ବ୍ୟାପକ ଆଲୋଚନାର ଅପେକ୍ଷା ରଖେ।

## References


୧) ଛୋଟରାୟ ଦେବଦାସ, ନୀଳ ସରସ୍ୱତୀ, ଦ୍ୱିତୀୟ ସଂସ୍କରଣ। ବିଦ୍ୟାପୁରୀ, ବାଲୁବଜାର, କଟକ; ୨୦୦୮

୨) ଦାଶ ବିଜୟଲକ୍ଷ୍ମୀ, ସଦାଶିବ ଦାଶଙ୍କ ରଚନା ସମଗ୍ର ପୂର୍ବାହ୍ନ - ପ୍ରଥମ ଖଣ୍ଡ (ସଂ), ପ୍ରଥମ ପ୍ରକାଶ। ଚିତ୍ରୋତ୍ପଳା ପବ୍ଲିକେଶନସ୍, ସାଲେପୁର, କଟକ; ୨୦୧୫

୩) ଦାଶ ବିଜୟଲକ୍ଷ୍ମୀ, ସଦାଶିବ ଦାଶଙ୍କ ରଚନା ସମଗ୍ର ମଧ୍ୟାହ୍ନ- ଦ୍ୱିତୀୟ ଖଣ୍ଡ (ସଂ), ପ୍ରଥମ ପ୍ରକାଶ। ଚିତ୍ରୋତ୍ପଳା ପବ୍ଲିକେଶନସ୍, ସାଲେପୁର, କଟକ; ୨୦୧୯

୪) ଦାଶ ମନୁ, କଳା ହରିଣ । ଅପୂର୍ବା, ମଧୁସୂଦନ ନଗର, ଭୁବନେଶ୍ୱର; ୨୦୦୮

୫) ଦାସ ଜଗନ୍ନାଥ ପ୍ରସାଦ, ଆହ୍ନିକ, ପୁନର୍ମୁଦ୍ରଣ। ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ; ୧୯୯୪

୬) ଦାସ ଜଗନ୍ନାଥ ପ୍ରସାଦ, ଶ୍ରେଷ୍ଠ କବିତା, ପ୍ରଥମ ପ୍ରକାଶ। ଚତୁରଙ୍ଗ ପ୍ରକାଶନୀ, ଭୁବନେଶ୍ୱର; ୧୯୯୩

୭) ଦାସ ଜଗନ୍ନାଥ ପ୍ରସାଦ, ସ୍ମୃତିର ସହର, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୯୫

୮) ନାୟକ ନିତ୍ୟାନନ୍ଦ, ଯେଖା ଯେଖା ବାଟରେ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୨୦୧୩

୯) ପଣ୍ଡା ଉମାଶଙ୍କର, ନିଃଶବ୍ଦ ନୂପୁର, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୮୦

୧୦) ପଣ୍ଡା ରାଜେନ୍ଦ୍ର କିଶୋର, ଅନ୍ୟା, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୮୮

୧୧) ପଣ୍ଡା ରାଜେନ୍ଦ୍ର କିଶୋର, ଚୌକାଠରେ ଚିରକାଳ, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୮୧

୧୨) ପ୍ରଧାନ ଶରତ ଚନ୍ଦ୍ର, ନଈ ଆଉ ମାଛ ହଂସ ଓ ସାରସ, ପ୍ରଥମ ପ୍ରକାଶ। ଓଡ଼ିଶା ବୁକ୍ ଷ୍ଟୋର୍, କଟକ; ୧୯୭୩

୧୩) ବଳୀୟାରସିଂହ ଗିରିଜା କୁମାର, ଚିତ୍ରପ୍ରତିମା। କାହାଣୀ, କଲ୍ୟାଣୀନଗର, କଟକ; ୨୦୦୭

୧୪) ମହାନ୍ତି କମଳ କୁମାର, ବାହୁଡା ବେଳ, ପ୍ରଥମ ପ୍ରକାଶ। ଅପୂର୍ବା, ମଧୁସୂଦନ ନଗର, ଭୁବନେଶ୍ୱର; ୨୦୦୩

୧୫) ମହାନ୍ତି ଗିରିବାଳା, ସ୍ତ୍ରୀଲୋକ, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୯୦

୧୬) ମହାନ୍ତି ଗୁରୁପ୍ରସାଦ, ଆଶ୍ଚର୍ଯ୍ୟ ଅଭିସାର, ପ୍ରଥମ ପ୍ରକାଶ। ଅଗ୍ରଦୂତ, ବାଙ୍କାବଜାର, କଟକ; ୧୯୮୮

୧୭) ମହାନ୍ତି ପ୍ରମୋଦ କୁମାର, ଅକାତକାତ, ପ୍ରଥମ ପ୍ରକାଶ। ଆର୍ଯ୍ୟ ପ୍ରକାଶନ, ଲିଙ୍କ ରୋଡ୍, କଟକ; ୧୯୯୫

୧୮) ମହାନ୍ତି ପ୍ରମୋଦ କୁମାର, ଦେବୀପାଦ, ଦ୍ୱିତୀୟ ପ୍ରକାଶ। ଏମ୍ ପ୍ରିଣ୍ଟର୍ସ, ଭୁବନେଶ୍ୱର; ୨୦୦୧

୧୯) ମହାନ୍ତି ଫନି, ଚିତ୍ର ପ୍ରତିମା, ପ୍ରଥମ ପ୍ରକାଶ। ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ; ୧୯୯୮

୨୦) ମହାନ୍ତି ସରୋଜ ରଞ୍ଜନ, ଫୁଲ ଫୁଟାଇବା ମନା, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୯୨

୨୧) ମହାପାତ୍ର ନିତ୍ୟାନନ୍ଦ, ଅନେକ ନଈର ସୁଅ (ସଂ) ପ୍ରଥମ ପ୍ରକାଶ। ପ୍ରବାହ, ଗୋବିନ୍ଦପୁର, ଯାଜପୁର; ୨୦୧୯

୨୨) ମହାପାତ୍ର ପ୍ରେମାନନ୍ଦ, ଓଡ଼ିଆ ସାହିତ୍ୟର ଇତିହାସ, ପଞ୍ଚମ ସଂସ୍କରଣ। ସତ୍ୟନାରାୟଣ ବୁକ୍ ଷ୍ଟୋର୍, ବିନୋଦବିହାରୀ, କଟକ; ୨୦୧୯

୨୩) ମହାପାତ୍ର ମନୋରମା ବିଶ୍ୱାଳ, ସମଗ୍ର କବିତା, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୨୦୧୪

୨୪) ମହାପାତ୍ର ସୀତାକାନ୍ତ, କପଟପାଶା, ପ୍ରଥମ ପ୍ରକାଶ । ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୨୦୦୦

୨୫) ମହାପାତ୍ର ସୀତାକାନ୍ତ, କାହାକୁ ପୁଛିବା କୁହ, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୮୭

୨୬) ମହାପାତ୍ର ସୀତାକାନ୍ତ, ଚଢେଇ ତୁ କି ଜାଣୁ, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୯୦

୨୮) ମହାପାତ୍ର ସୀତାକାନ୍ତ, ଚିତ୍ରନଦୀ, ଦ୍ୱିତୀୟ ପ୍ରକାଶ। ବିଦ୍ୟାପୁରୀ, ବାଲୁବଜାର, କଟକ; ୧୯୮୭

୨୯) ମହାପାତ୍ର ସୀତାକାନ୍ତ, ମୃତ୍ୟୁର ଅସୀମ ଧୈର୍ଯ୍ୟ, ପ୍ରଥମ ପ୍ରକାଶ। ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ; ୧୯୯୭

୩୦) ମହାରଣା ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଇତିହାସ, ପଞ୍ଚମ ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣ। ଏ.କେ ମିଶ୍ର ପବ୍ଲିଶର୍ସ ପ୍ରାଇଭେଟ୍ ଲିମିଟେଡ୍, ବାଦାମବାଡ଼ି, କଟକ; ୨୦୧୮

୩୧) ମିଶ୍ର ଗିରୀଶ ଚନ୍ଦ୍ର, ଲବଣ ଚଉଁରୀ, ପ୍ରଥମ ପ୍ରକାଶ। ଆର୍ଯ୍ୟ ପ୍ରକାଶନ, ଲିଙ୍କ୍ ରୋଡ, କଟକ; ୧୯୯୯

୩୨) ମିଶ୍ର ପ୍ରସନ୍ନ କୁମାର, ଆ ପକ୍ଷୀ ଫେରିଆ, ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ

୩୩) ମିଶ୍ର ସୁଷମା, ଆଦିପୁରୁଷ, ପ୍ରଥମ ପ୍ରକାଶ। ଦେବଲକ୍ଷ୍ମୀ ପ୍ରକାଶନୀ, ବୀରପ୍ରତାପପୁର, ପୁରୀ; ୧୯୯୩

୩୪) ମିଶ୍ର ସୌଭାଗ୍ୟ କୁମାର, ସୌଭାଗ୍ୟକୁମାର ମିଶ୍ର କାବ୍ୟ ସମ୍ଭାର ୧ ଓ ୨ , ପ୍ରଥମ ପ୍ରକାଶ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ; ୧୯୯୪

୩୫) ରଥ ବ୍ରଜନାଥ, ହେ ମୋର ସ୍ୱଦେଶ, ପ୍ରଥମ ପ୍ରକାଶ। ସୁନହଟ, ବାଲେଶ୍ୱର; ୧୯୯୭

୩୬) ରଥ ରାମାକାନ୍ତ, କେତେଦିନର, ତୃତୀୟ ପ୍ରକାଶ। ଅଗ୍ରଦୂତ, ବାଙ୍କାବଜାର, କଟକ; ୧୯୮୯

୩୭) ରଥ ରାମାକାନ୍ତ, ସଚିତ୍ର ଅନ୍ଧାର, ଦ୍ୱିତୀୟ ପ୍ରକାଶ। ଅଗ୍ରଦୂତ, ବାଙ୍କାବଜାର, କଟକ; ୧୯୯୩

୩୮) ରବି ଶୈଳଜ, ନିର୍ବାଚିତ କବିତା, ପ୍ରଥମ ପ୍ରକାଶ। କାହାଣୀ, କଲ୍ଯାଣୀ ନଗର, କଟକ; ୨୦୦୧

୩୯) ରାଉତ ବେଣୁଧର, ଏକତାରା ଦୁଇତାରା, ପ୍ରଥମ ପ୍ରକାଶ। ଆର୍ଯ୍ୟ ପ୍ରକାଶନ, ଲିଙ୍କ୍ ରୋଡ, କଟକ; ୧୯୯୮

୪୦) ରାଉତରାୟ ସଚ୍ଚି, କବିତା ୧୯୬୯, ପ୍ରଥମ ପ୍ରକାଶ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ; ୧୯୭୦

୪୧) ରାଉତରାୟ ସଚ୍ଚି, କବିତା ୧୯୭୧, ପ୍ରଥମ ପ୍ରକାଶ। ଜେ. ମହାପାତ୍ର ଏଣ୍ଡ କୋ, ଛାତ୍ର ସାଥି ଅଫିସ, କଟକ; ୧୯୭୨

୪୨) ରାଉତରାୟ ସଚ୍ଚି, କବିତା ୧୯୭୪, ପ୍ରଥମ ପ୍ରକାଶ । ଓଡ଼ିଆ ସାହିତ୍ୟ ପ୍ରକାଶନ, ହରିପୁର ରୋଡ଼, କଟକ; ୧୯୭୫

୪୩) ରାଉତରାୟ ସଚ୍ଚି, କବିତା ୧୯୮୭, ଦ୍ୱିତୀୟ ପ୍ରକାଶ । ଦିଗନ୍ତ ପ୍ରକାଶିନୀ, ମିସନ ରୋଡ, କଟକ; ୧୯୯୨

୪୪) ରାଉତରାୟ ସଚ୍ଚି, କବିତା ୨୦୦୩, ପ୍ରଥମ ପ୍ରକାଶ । ଓଡ଼ିଶା ବୁକ୍ ଷ୍ଟୋର୍, ବିନୋଦ ବିହାରୀ, କଟକ; ୨୦୦୩

୪୫) ରାଉତରାୟ ସଚ୍ଚି, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପ୍ରଥମ ପ୍ରକାଶ। ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର; ୨୦୦୧

୪୬) ସିଂ ରବି, ଅଗ୍ନିବେଦ, ପୁନର୍ମୁଦ୍ରଣ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ; ୧୯୮୫

୪୭) ସିଂ ରବି, କ୍ରାନ୍ତି କାମୋଦୀ, ପ୍ରଥମ ପ୍ରକାଶ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ; ୧୯୯୭

୪୮) ସିଂ ରବି, ଖସାଅ ମୁକୁଟ, ପ୍ରଥମ ପ୍ରକାଶ। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ; ୧୯୯୮

୪୯) ସିଂ ରବି, ନବମ ସ୍ୱର୍ଗ, ପ୍ରଥମ ପ୍ରକାଶ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ; ୧୯୯୪

୫୦) ହରିଚନ୍ଦନ ନୀଳାଦ୍ରିଭୂଷଣ, ଅଚାନକ ବୃହନ୍ନଳା, ପ୍ରଥମ ପ୍ରକାଶ। ବିଦ୍ୟାପୁରୀ, ବାଲିବଜାର, କଟକ; ୧୯୯୧

୫୧ ) Abrams H.H, Harpham G.G, (2014) A Glossary of Literary Terms. (Eleventh Edition, Cengage Learning, Mayur Vihar Phase 1, Delhi)

୫୨)ପତ୍ରପତ୍ରିକା : ପ୍ରାଚୀ, ୭ମ ସଂଖ୍ୟା, ଫେବୃଆରୀ, ୨୦୨୨

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© The Author 2022. The text of this article is open access and licensed under a Creative Commons Attribution 4.0 International License

## Cite this Article

Bikesh Sahu, 'Place Name' in Post-Independence Odia Poetry, Indian Journal of Multilingual Research and Development, Vol 3, Iss 3 (2022) 11-25. DOI: https://doi.org/10.54392/ijmrd2233